ମୟୂରଭଞ୍ଜର ସ୍ମୃତିରେ ଗୋପବନ୍ଧୁ

ଜାନକୀବଲ୍ଲଭ ମହାନ୍ତି

Digitized by srujan ka@gmail.com

ମୟୂରଭଞ୍ଜର ସ୍ମୃତିରେ ଗୋପବନ୍ଧୁ

(ମୟୂରଭଞ୍ଜର ୧୯୧୦-୧୯୧୭ ମଧ୍ୟରେ ଗୋପବନ୍ଧୁଙ୍କର
ଜୀବନର କେତୋଟି ଅଧ୍ୟାୟ)

ଲେଖକ

ଜାନକିବଲ୍ଲଭ ମହାନ୍ତି

ପ୍ରାଧ୍ୟାପକ, ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ
ବାରିପଦା

Digitized by srujan ka@gmail.com

ମୟୂରଭଞ୍ଜର ସ୍ମୃତିରେ ଗୋପବନ୍ଧୁ

ଲେଖକ :
ଜାନକିବଲ୍ଲଭ ମହାନ୍ତି

ପ୍ରକାଶିକା :
ଶ୍ରୀମତୀ ଉମା ମହାନ୍ତି
୧୧୫ କେ. ଏଫ. ଫୋର ଫ୍ଲାଟସ୍
ଧାତକିଡି
ଜାମସେଦପୁର

ପ୍ରକାଶକାଳ :
୧୯୭୭

ମୂଲ୍ୟ—ତିନି ଟଙ୍କା

MAYURBHNJARA SMRUTIRE GOPABANDHU

Author :
Janaki Ballabha Mohanty

Publisher :
Srimati Uma Mohanty

115 K. F. 4 Flats
Dhatkidi
Jamshedpur

First Published :
1977

Price : Rupees Three Only

Digitized by srujan ka@gmail.com

ମୟୂରଭଞ୍ଜର ଲାଲସାହେବ
ଶ୍ରୀ ପ୍ରମୋଦ କୁମାର ଭଞ୍ଜଦେଓ କରକମଳେଷୁ

ମହାଭାଗ,

ବାରିପଦାରେ ମୁଁ ପ୍ରବେଶ କରୁ ନ କରୁଣୁ , ମୟୂରଭଞ୍ଜର ରାଜବଂଶରେ ପ୍ରବାହିତ ସାହିତ୍ୟାନୁରାଗର ସ୍ପଷ୍ଟ ପରିଚୟ ପାଇ ମୁଁ ବିସ୍ମିତ ହୋଇଛି । ଆଜି ମନେ ପଡ଼ୁଛି, ଯେତେବେଳେ ମୟୂରଭଞ୍ଜରେ ୧୯୧୦ରୁ ୧୯୧୨ ମଧ୍ୟରେ ଗୋପବନ୍ଧୁଙ୍କ ଜୀବନ ସମ୍ବନ୍ଧରେ ଗୋଟିଏ କ୍ଷୁଦ୍ର ପୁସ୍ତିକା ପ୍ରଣୟନ ଲାଗି ମୋର ସହକର୍ମୀ ବନ୍ଧୁ ମୋହନଲାଲ ସାହୁ ଓ ମୁଁ ପହଞ୍ଚିଲୁ , ଆପଣ ସେଦିନ ଆମମାନଙ୍କୁ କାର୍ଯ୍ୟରେ ଆଗେଇଯିବା ପାଇଁ ସବୁମତେ ଉତ୍ସାହିତ କରିଥିଲେ । ମୋହନଲାଲ ବାବୁ ବାରିପଦାରୁ ଦୂରେଇଗଲେ । ତେଣୁ ବାଧ ହୋଇ ମୋତେ ପୁସ୍ତକଟି ସମ୍ପୂର୍ଣ୍ଣ କରିବାକୁ ହେଲା । ଆମେ ଉଭୟେ ଆପଣଙ୍କୁ ଏପୁସ୍ତକ ଉତ୍ସର୍ଗ କରିବାର କଥା । ତାଙ୍କର ଅନୁପସ୍ଥିତରେ, ମୁଁ ଉଭୟଙ୍କର ଦାୟିତ୍ୱ ବହନ କରି ଏ ପୁସ୍ତକଟି ଆପଣଙ୍କର କରକମଳରେ ଉତ୍ସର୍ଗ କରୁଛି ।

ଆପଣଙ୍କର ପିତା ସ୍ୱର୍ଗତ ଶରତ କୁମାର ଭଞ୍ଜଦେଓ ନିଜେ ଜଣେ ପ୍ରତିଷ୍ଠିତ କବି । ତାଙ୍କ ରଚିତ ଝୁମୁରୁ ସଙ୍ଗୀତଗୁଡ଼ିକ ଅତି ସୁନ୍ଦର ଓ ଲଳିତ ହୋଇଛି । ସେଗୁଡ଼ିକ ସବୁ ପ୍ରକାଶିତ ହୋଇଥିଲେ ଆପଣଙ୍କ ପିତା ଓଡ଼ିଆ ଗୀତିକାର ରଚନାରେ ଆଦି

Digitized by srujan ka@gmail.com

ଶ୍ରେଷ୍ଠ ଆସନ ଲାଭ କରି ପାରିଥାନ୍ତେ । ତାଙ୍କର ପାଣ୍ଡୁଲିପିଗୁଡ଼ିକ ପଢ଼ି, ସେଗୁଡ଼ିକ ମୁଁ ଆଲୋକକୁ ଆଣିବାର ଉଦ୍ୟମ କରୁଛି । ଭଗବାନଙ୍କ ନିକଟରେ ପ୍ରାର୍ଥନା, ମୋର ଉଦ୍ୟମ ସାର୍ଥକ ହେଉ ।

ବାରିପଦାରେ ଆପଣଙ୍କର ଲୋକପ୍ରିୟତାର ମୁଁ ପ୍ରତ୍ୟକ୍ଷ ପରିଚୟ ପାଇଅଛି । "ମୟୂରଭଞ୍ଜର ସ୍ମୃତିରେ ଗୋପବନ୍ଧୁ" ପୁସ୍ତକଟି ଆପଣ ଗ୍ରହଣକରି ବାଧିତ କରିବେ ।

ବାରିପଦା
ରଜସଂକ୍ରାନ୍ତି
୧୯୬୭

ବଶମ୍ବଦ
ଜାନକୀବଲ୍ଲଭ ମହାନ୍ତି

Digitized by srujan ka@gmail.com

ପୁସ୍ତିକା ପ୍ରବେଶ ପୂର୍ବରୁ
ଯେଉ ଦୁଇ ପଦ କହିବାର କଥା

ଜୀବନର ଯାତ୍ରାପଥରେ ମୟୂରଭଞ୍ଜ ଗୋପବନ୍ଧୁଙ୍କୁ କିଛି କାଳ ଅଟକାଇ ଦେଇଥିଲା । ପୂର୍ଣ୍ଣ ତିନୋଟି ବର୍ଷ ବି ହେବନି— ମାତ୍ର ମୟୂରଭଞ୍ଜରେ ଗୋପବନ୍ଧୁଙ୍କର ସେଇ ସୀମିତ କାଳ ବି ଥିଲା କର୍ମତତ୍ପର ଜୀବନର ସ୍ମରଣୀୟ ଡାଏରିର କିୟଦଂଶ । ସେଇ କିୟଦଂଶକୁ ଅଜ୍ଞାତ ଭିତରୁ ଯୋଡ଼ଯାଡ଼ ବାହାର କରିବାକୁ ମୁଁ ଉଦ୍ୟମ କରିଛି ମାତ୍ର । ମୁଁ ନିଜେ ହୁଏତ ଜାଣେନି, ଏ ଉଦ୍ୟମ ସଂପୂର୍ଣ୍ଣ କି ନା । ତଥାପି ଏହା ଯେ, ଅନେକ ପାଠକଙ୍କୁ କେତେକାଂଶରେ ନୂତନ ଆଲୋକଦାନ କରିବ, ଏ ଦୃଢ଼ ବିଶ୍ୱାସ ମୋର ଅଛି ।

ପୁସ୍ତିକାଟି ଲେଖିବାର ପରିକଳ୍ପନା ମୁଁ ଓ ମୋର ସହକର୍ମୀ ଅଧ୍ୟାପକ ମୋହନଲାଲ୍ ସାହୁ କରିଥିଲୁ । ଯୋଜନା ପ୍ରସ୍ତୁତ ହେଲା । ବିଷୟ ସୂଚୀ ପ୍ରସ୍ତୁତ କରି ବିଷୟଗୁଡ଼ିକୁ ଲେଖିବା ପାଇଁ ଦୁହିଁଙ୍କ ଭିତରେ ବାଣ୍ଟି ନେଲୁ । ମାତ୍ର ବିଧିର ନିର୍ବନ୍ଧ ଏପରି ଯେ, ବନ୍ଧୁ ମୋହନ ଲାଲ ବାବୁ ଦୁଇଟି ଲେଖା ଲେଖିବା ପରେ ପରେ ବାରିପଦା ଛାଡ଼ି ବାଙ୍କି ଚାଲିଗଲେ । ବିଷୟସୂଚୀର ପ୍ରଥମ ଲେଖା ଓ ପଞ୍ଚମ ଲେଖାକୁ ସେ ତାଙ୍କ ଉପାୟରେ ରୂପ ଦେଇଥିଲେ । ମୋହନଲାଲ ବାବୁ ବାରିପଦାରେ ସାହିତ୍ୟ ଚର୍ଚ୍ଚା ଓ ସାହିତ୍ୟ ସାଧନାର ଏକ ଉତ୍ସ, ଏହା ବାରିପଦାକୁ ଆସିବା ମାତ୍ରେ

Digitized by srujan ka@gmail.com

ମୁଁ ଉପଲବ୍ଧି କରୁଛି । ସେ ଥିଲେ ବାରିପଦା ସାହିତ୍ୟ ସମାଜର ସଂପାଦକ । ସଭା ସମିତି ଆଳାପ ଆଲୋଚନା ମୂଳରେ ଥିଲେ ସିଏ । ସେ ବିଦାୟ ନେବା ପରେ ସବୁ ବନ୍ଦ ହୋଇଗଲା । ମୁଁ ସେ ଦୁଇଟି ବିଷୟର ସାର ସଂଗ୍ରହ କରି ଆପେ ପାଣ୍ଡୁଲିପିଟି ଶେଷ କରିବାକୁ ବାଧ ହେଲି । ତାଙ୍କର ଶ୍ରମ ସାଧନା, ସାହାଯ୍ୟ ସହଯୋଗ—ସବୁ କିଛି ଏ ପୁସ୍ତିକାର ମୂଳରେ ରହିଛି, ଏହା ଅସ୍ୱୀକାର କରି ହେବ ନାହିଁ । ମୋହନଲାଲ ବାବୁଙ୍କର ସାହିତ୍ୟ ସାଧନାର ନିଶା ମୋତେ ଅବାକ୍ କରୁଛି । ମୁଁ ତାଙ୍କ ନିକଟରେ ଚିରକୃତଜ୍ଞ । ବାରିପଦାର ଲିଲ୍‌ସାହେବ ଶ୍ରୀ ପ୍ରମୋଦଚନ୍ଦ୍ର ଭଞ୍ଜ-ଦେଓଙ୍କର ଅସୀମ ପ୍ରେରଣା ଆମ ଉଦ୍ୟମର ପ୍ରଥମ ପର୍ଯ୍ୟାୟରୁ ହିଁ ଆମକୁ ଅଧିକ କର୍ମମୁଖର କରି ଦେଇଥିଲା । ବିସ୍ମୃତ ଲୋକେ, ମୟୂରଭଞ୍ଜର ସେଇ ସାହିତ୍ୟାନୁରାଗୀ ରାଜରକ୍ତ ତାଙ୍କ ଦେହରେ ପ୍ରବାହିତ । ତାଙ୍କଠାରେ ମୟୂରଭଞ୍ଜର ଅତୀତ ଐତିହ୍ୟ ଯେପରି ମୂର୍ତ୍ତିମନ୍ତ ହୋଇ ଉଠୁଛି । ତାଙ୍କର ସମସ୍ତ ଆଗ୍ରହ ଓ ଆନ୍ତରିକତା ଜୀବନରେ ଭୁଲି ହେବାର ନୁହେଁ । ଗୋପବନ୍ଧୁ ବାରିପଦା ଆସିଥିଲେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କର ଅନୁରୋଧରେ । ସେଇ ରାଜବଂଶର ଜଣେ ଉଦୀୟମାନ ବଂଶଧର ଗୋପବନ୍ଧୁଙ୍କ ବିଷୟରେ ଏହି ପୁସ୍ତିକାଟି ପ୍ରସ୍ତୁତ କରିବାକୁ ପ୍ରେରଣା ଦେଲେ । ଏହା ବାସ୍ତବିକ୍ ନିୟତିର ଏକ ଯୋଗସୂତ୍ର ବୋଲି ମନେ ହୁଏ । ଏ ପୁସ୍ତକଟି ତାଙ୍କରି ହାତରେ ଅର୍ପଣ କରୁଛି ।

ବାକି ଯେଉଁମାନେ ଏ କାର୍ଯ୍ୟରେ ଆମକୁ ଉତ୍ସାହିତ କରିଛନ୍ତି, ସେମାନେ ହେଲେ ଶିକ୍ଷା ବିଭାଗର ଅବସରପ୍ରାପ୍ତ ଡି. ପି. ଆଇ. ଶ୍ରୀ ଗୋକୁଳଚନ୍ଦ୍ର ଶତପଥୀ, ମହାରାଜା ପୂର୍ଣ୍ଣଚନ୍ଦ୍ର

Digitized by srujan ka@gmail.com

ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ଶିବକୁମାର ପଣ୍ଡା, ସାହିତ୍ୟିକ ବନ୍ଧୁ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବିଦ୍ଧାଣୀ ଓ ଶ୍ରୀ ବିଜୟ କୁମାର ବାରିକ । ଏମାନଙ୍କୁ ମୁଁ ଅନ୍ତରର କୃତଜ୍ଞତା ଜଣାଉଅଛି । ପୁସ୍ତକଟି ଛାପାଖାନାକୁ ଯାଉଛି, ଦେଖାଦେଲି ମୋର ଛାତ୍ରବନ୍ଧୁ ଶ୍ରୀ ଚିତ୍ତରଞ୍ଜନ ମହାନ୍ତିଙ୍କ (ଏବର ଅଧ୍ୟାପକ, ଜବାହାରଲାଲ୍ ନେହେରୁ କଲେଜ, ଚକ୍ରଧରପୁର) ସଙ୍ଗେ । ପୂର୍ବପର ସେ ମୋତେ ବହୁତ ଉତ୍ସାହିତ କଲେ । ତାଙ୍କୁ ମୋର ଧନ୍ୟବାଦ ।

ଜାନକିବଲ୍ଲଭ ମହାନ୍ତି
ପ୍ରାଧ୍ୟାପକ
ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ
ବାରିପଦା

ରଜସଂକ୍ରାନ୍ତି, ୧୯୭୭
ବାରିପଦା

Digitized by srujan ka@gmail.com

ସୃଷ୍ଟିକାର ଅନ୍ତରାଳରେ

୧ । ବାରିପଦାକୁ ଗୋପବନ୍ଧୁଙ୍କର ଆଗମନ

୨ । ଗୋପବନ୍ଧୁ ଓ ବାରିପଦା ହାଇସ୍କୁଲ

୩ । ମୟୂରଭଞ୍ଜର ସରକାରୀ ଓକିଲ ଗୋପବନ୍ଧୁ

୪ । ବାରିପଦାରେ ଗୋପବନ୍ଧୁଙ୍କର ସାହିତ୍ୟିକ ଜୀବନ

୫ । ବାରିପଦା ମ୍ୟୁନିସିପାଲିଟି ଓ ଗୋପବନ୍ଧୁ

୬ । ବାରିପଦା ଅନାଥାଶ୍ରମ ଓ ଗୋପବନ୍ଧୁ

୭ । ଗୋପବନ୍ଧୁ ଓ ମହାରାଜା ଶ୍ରୀରାମଚନ୍ଦ୍ର

୮ । ବାରିପଦାରେ ଗୋପବନ୍ଧୁଙ୍କର ବ୍ୟକ୍ତିତ୍ୱ

୯ । ବାରିପଦାରୁ ଗୋପବନ୍ଧୁଙ୍କର ବିଦାୟ

୧୦ । ଗୋପବନ୍ଧୁଙ୍କ ଜୀବନର ଯାତ୍ରାପଥରେ କେତୋଟି ସ୍ମରଣୀୟ ମାଇଲ ସ୍ତମ୍ଭ ।

—*—

Digitized by srujan ka@gmail.com

ବାରିପଦାକୁ ଗୋପବନ୍ଧୁଙ୍କର ଆଗମନ

୧୯୦୯ ମସିହା ।

ଶରତର ଏକ ମନମତାଣିଆ ସନ୍ଧ୍ୟା । ଖଣ୍ଡ ଖଣ୍ଡ ଧଳା ମେଘ 'ଦିଗ୍‌ବଳୟ ଚୁମ୍ବିତ ସମୁଦ୍ରର ପାଲଟଣା ଜାହାଜ ଭଳି ଆକାଶ ବକ୍ଷରେ ଭାସି ଭାସି ଯାଉଛି । ଲତାକୁଞ୍ଜରେ ଶେଫାଳୀ ଓ ହେନାର ସୁମିଷ୍ଟ-ସୁବାସ୍ ବେଶ୍ ଉପଭୋଗ୍ୟ ହୋଇ ଉଠିଛି । ଚେୟାର ଟେବୁଲ ଧାଡ଼ି ଧାଡ଼ି ହୋଇ ଉଦ୍ୟାନର ଗୋଟିଏ କଡ଼ରେ ସଜାହୋଇ ରଖାଯାଇଛି ଏବଂ ଗଛଗୁଡ଼ିକର ମଝିରେ ଗୋଟିଏ ସୋଫାସେଟ୍ । ଭୃତ୍ୟ ଦୁଇ ଜଣ ସ୍ଥାନଟିକୁ ସଜାଇବାରେ ବ୍ୟସ୍ତ ରହିଥିବା ବେଳେ ଶୈଳବାଳା ରୋଷେଇ ଘରେ ପୂଜାସ୍ୱ ସନ୍ଧ୍ୱିତ ଚା ଓ ଜଳଖିଆ ପ୍ରସ୍ତୁତ କରିବାରେ ଲାଗି ପଡ଼ିଛନ୍ତି । ହାଇକୋର୍ଟରୁ ଦୁଇ ଘଣ୍ଟା ହେଲା ମଧୁବାବୁ ଫେରି ଆସିଲେଣି । ନିଜ କୋଠିର ବାରଣ୍ଡା ଉପରେ ଆରାମ ଚେୟାର ଉପରେ ବସି କପାଳରେ ହାତ ଦେଇ କେତେ କ'ଣ ଭାବୁଛନ୍ତି ସେ । ଆଖିରେ ଭାସି ଉଠୁଛି ତାଙ୍କର ୧୮୬୭-୧୮୬୮, ୧୮୭୭-୧୮୭୮ ମସିହାର ଉତ୍କଳର ଶସ ଓ ଉତ୍କଳ ଭାଷାର ରୂପରେଖ । ଜଣେ ରାଜେନ୍ଦ୍ର ଲାଲ ମିତ୍ର ଓ ଜଣେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ, ଗୋଟିଏ ପୁରୁଣା ଅଥବ ଲୋକପ୍ରସିଦ୍ଧ ଭାଷାକୁ ତଣ୍ଟି ଚିପି ମାରିଦେବା

Digitized by srujan ka@gmail.com

ପାଇଁ କମ୍ ଚେଷ୍ଟା ଚଳାଇ ନ ଥିଲେ । ତାଙ୍କର ବଂଶଧର ଏବେ ବି ଓଡ଼ିଶା ମାଟିରେ ଦାର ଦର୍ପରେ ଶାସନ ଚଳାଇବେ । ଏବେ ବି ହୀନ ନିଷ୍ପେଷିତ କାଙ୍ଗାଳ ଓଡ଼ିଆ ସବୁ ଦୁଃଖ, କଷ୍ଟ ଓ ଅପମାନକୁ ମୁଣ୍ଡପାତି ସହିନେବ । ନା…ନା…ତା କଦାପି ହୋଇ ପାରେନା । ମଧୁବାବୁ ବଞ୍ଚିଥିଲା ପର୍ଯ୍ୟନ୍ତ ତା କଦାପି କରାଇଦେବେ ନାହିଁ । ଘୃଣା ଓ ଅଭିମାନରେ ନାସିକା କୁଞ୍ଚନ କରି, ନିଜ ମୁଣ୍ଡ ବାଳକୁ ନିଜେ ଦୁଇ ହାତରେ ଟାଣିବାକୁ ଲାଗିଲେ ।

"ବାପା…… ବାପା…… ! ସନ୍ଧ୍ୟା ଘ ୬।୩୦ ମିନିଟ୍ ହେଲାଣି । ମହାରାଜା ରାମଚନ୍ଦ୍ର ଭଞ୍ଜଦେଓ ଛଅଟାକୁ କୁଆଡ଼େ ଆସିବେ ବୋଲି କହିଥିଲେ । କାହିଁ ଦେଖା ତ ନାହିଁ ? ଗୁ' ଜଳଖିଆ ପ୍ରସ୍ତୁତ ହୋଇଗଲାଣି । ମୁଁ ଚକର ଓ ମାଧିଆଙ୍କୁ ଚନ୍ଦନ ଜଳାଇ ଦେବାପାଇଁ କହିଲାଣି ।"

"ଭଲ କରିଛୁ ମାଆ । ରଜା ରାଜୁଡ଼ା ଲୋକ । ବହୁତ ଜାଗାରେ ବହୁତ କାମ । ପୁଣି ମୟୂରଭଞ୍ଜର ମହାରାଜା । କୋଉଠି କେତେ ଦାନ ଧର୍ମ କାର୍ଯ୍ୟରେ ବ୍ୟସ୍ତ ଥିବେ । ହେଇଟି ତୋ ସାଙ୍ଗ ରେଭେନ୍ସା କଲେଜର ପିଲାମାନେ ଗେଟ୍ ପାଖରେ ପହଞ୍ଚି ଗଲେଣି । ତୁ ଶୀଘ୍ର ଯାଇ ସେମାନଙ୍କୁ ଚେୟାରରେ ବସେଇ ଦେ । ମୁଁ ଭିତରୁ ଅଳ୍ପ ସମୟ ପରେ ଆସୁଛି ।' ସେତିକି ବେଳକୁ, ଘୋଡ଼ାଗାଡ଼ିରୁ ମହାରାଜା ରାମଚନ୍ଦ୍ର ଭଞ୍ଜ ଓହ୍ଲାଇ ଫାଟକ ପାରି ହୋଇ ଦେଓ୍ୱାନଙ୍କ ସହିତ ଉଦ୍ୟାନ ଭିତରକୁ ପଶିଲେଣି । ଫାଇଲ୍ ଧରି ଭିତରୁ ମଧୁବାବୁ ବାହାରି ଆସୁ ଆସୁ ରଜା-ସାହେବଙ୍କୁ ଦେଖି ଅଭିବାଦନ ଜଣାଇଲେ । ସମସ୍ତେ ଆସନ ଗ୍ରହଣ କଲା ପରେ ଉତ୍କଳ ସମ୍ମିଳନୀ ସମ୍ପର୍କୀୟ ବିଷୟ ଓ ରେଭେନ୍ସା କଲେଜର ଉନ୍ନତିମୂଳକ କାର୍ଯ୍ୟ କଥା ସଭରେ

Digitized by srujan ka@gmail.com

ପଡ଼ିଲା । ମଧୁବାବୁ ପୁଙ୍ଖାନୁପୁଙ୍ଖ ଭାବେ ସମସ୍ତ ବିଶଦ ବିବରଣୀ ଦେବା ପରେ ପରେ ମହାରାଜା ଏ ସବୁରେ ଯଥାସାଧ୍ୟ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଲେ । ଓଡ଼ିଶା ପ୍ରତି ତାଙ୍କର ବିଶେଷ ଅନୁରାଗ ଥିଲା । ମୟୂରଭଞ୍ଜର ଉନ୍ନତି ସହିତ ସଙ୍ଗେ ସେ ସାରା ଓଡ଼ିଶାର ପ୍ରଗତି ଚାହୁଁଥିଲେ ବୋଲି ଶେଷରେ କହିବାରୁ ଘନ ଘନ କରତାଳି ଭିତରେ ସଭା ଭଙ୍ଗହେଲା । କଲେଜର ପିଲାମାନେ ସଭାସ୍ଥଳରୁ ପ୍ରସ୍ଥାନ କଲେ । ଚନ୍ଦନର ଦୀପଶିଖା ତେଜି ଉଠିଲାଣି । ମଧୁବାବୁ ମହାରାଜା ଓ ଦେୱାନ ପୂର୍ବ ପରି ତାଙ୍କ ଆସନରେ ବସିଛନ୍ତି । ଶୈଳବାଳା ଲତାକୁଞ୍ଜରୁ ଆଞ୍ଜୁଳାଏ ହେନାଫୁଲ ଧରି ଘର ଭିତରେ ଗୁଣୁ ଗୁଣୁ ହୋଇ ଗୀତ ଗାଉଛନ୍ତି । ଲମ୍ବା ହାଇଟିଏ ମାରି ମଧୁବାବୁ କହି ଉଠିଲେ—"ପଲିଟିକାଲ୍ ଏଜେଣ୍ଟମାନଙ୍କ କଥା ଛାଡ଼ନ୍ତୁ । ସେମାନେ ତ ଇଂରେଜ ସରକାରଙ୍କ ଚର । ତାଙ୍କ କାମ ସେମାନେ କରିବେ । ତାଙ୍କୁ ଭ୍ରୂକ୍ଷେପ ନ କରି ଆପଣ କାମକରି ଚାଲନ୍ତୁ । ଦେଖାଯାଉ କ'ଣ ହେଉଛି ।"

ଆଚ୍ଛା, ଷ୍ଟେଟ୍ କାଉନ୍ସିଲ୍ ଓ ଜୁଡ଼ିସିଆଲ କାଉନ୍ସିଲ୍ କେମିତି ଚାଲିଛି ?

"ଭଲ ଆଜ୍ଞା" ଦେୱାନ୍ କହିଲେ । "କାଉନ୍ସିଲକୁ ସଭ୍ୟମାନେ ନିୟମିତ ଆସନ୍ତି ତ ?" ମଧୁବାବୁ ପ୍ରଶ୍ନକଲେ ।

"ସବୁ ସମୟରେ ନିୟମିତ ନ ହେଲେ ବି ସେମାନଙ୍କର ଉପସ୍ଥାନ ମନ୍ଦ ନୁହେଁ" ମହାରାଜା ନିଜେ ଉତ୍ତର ଦେଲେ ।

ହଁ...କଥାଟିଏ ମନେ ପଡ଼ିଲା । ସେଦିନ ମୁଁ ଶୁଣିଲି ଆପଣ ଶାସନ କାର୍ଯ୍ୟରେ ଓଡ଼ିଆଙ୍କୁ ଉଚ୍ଚ ପାହ୍ୟାରେ ରଖି ନାହାନ୍ତି ? ଓଡ଼ିଆଙ୍କ କ'ଣ ନାହାନ୍ତି ?

Digitized by srujan ka@gmail.com

"ମୋର ଆଖିରେ ତ ପଡ଼ୁ ନାହାଁନ୍ତି । ଆପଣ ଦିଅନ୍ତୁ । ମୁଁ କାଲି ନିଯୁକ୍ତ ଦେବି ।"

"ଏବେ ମୋର ଷ୍ଟେଟ୍ ପାଇଁ ଜଣେ ଦକ୍ଷ ଓକିଲ ଦରକାର । ଜଣକୁ ଦିଅନ୍ତୁ ନା ? ମହାରାଜା କହିଲେ ।"

"ଯଦି ଓଡ଼ିଶାରେ ଥିବ ବାହାରୁ କାହିଁକି ଆଣିବି ?"

"ଗୋପବନ୍ଧୁ ଦାସ ବି. ଏ., ବି. ଏଲ." ମଧୁବାବୁ ଉତ୍ତର ଦେଲେ ।" ସେ ବି ଉତ୍କଳ ସମ୍ମିଳନୀର ଜଣେ ସକ୍ରିୟ ସଭ୍ୟ । ଆପଣ ନିଶ୍ଚୟ ତାଙ୍କୁ ଜାଣିଛନ୍ତି । ତାଙ୍କର ନାମ ଗୋପବନ୍ଧୁ ।"

"ହଁ • ହଁ...ସେ ପରା ତିନି ବର୍ଷ ତଳେ ଆମ ପଡ଼ୋଶୀ ନୀଳଗିରି ଷ୍ଟେଟରେ ଶିକ୍ଷକତା କରୁଥିଲେ । ଏବେ କେଉଁଠି ଅଛନ୍ତି ?" ମହାରାଜା ପ୍ରଶ୍ନକଲେ ।

'ପୁରୀରେ ଓକିଲାତି କରୁଛନ୍ତି । ନିଜ ସ୍ତ୍ରୀର ମୃତ୍ୟୁ ପରେ ଅଳ୍ପ କିଛିଦିନ ନୀଳଗିରିରେ ରହି ଏବେ ସେ ପୁରୀ ଆସି ନିଜ ବ୍ୟବସାୟ ଧନ୍ଦା ଦେଖିବା ସଙ୍ଗେ ସଙ୍ଗେ ବିଭିନ୍ନ ଲୋକହିତକର ସଂସ୍ଥା ସହିତ ଜଡ଼ିତ ହୋଇପଡ଼ିଛି ।"

"ଲୋକହିତକର ସଂସ୍ଥା ?... ଅର୍ଥାତ୍" "ଏବେ ସେ କୁଷ୍ଠାଶ୍ରମର ସେକ୍ରେଟାରୀ ହୋଇ ପଙ୍ଗୁ ଓ ଅଥର୍ବମାନଙ୍କର ସେବାରେ ମନପ୍ରାଣ ଢାଳି ଦେଇଛି । ବନ୍ୟାପ୍ରପୀଡ଼ିତ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଦଳେ ଲୋକଙ୍କୁ ନେଇ ରିଲିଫ୍ ବାଣ୍ଟୁଛି । ପୁରୀରେ ବ୍ୟାୟାମ ଶାଖାଟିଏ ତାହାରି ଯୋଗୁଁ ପ୍ରତିଷ୍ଠିତ ହୋଇ ପାରିଛି । ପୁଣି ଗଲା ଅଗଷ୍ଟ ମାସରେ ସତ୍ୟବାଦୀରେ ଏକ ମଧ୍ୟଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା କଲା ସେ ।"

କଥାବାର୍ତ୍ତା ସେତିକରେ ଶେଷ ହେଲା । ମହାରାଜା ରାମଚନ୍ଦ୍ର ଭଞ୍ଜ ମଧୁବାବୁଙ୍କ କୋଠିରୁ ବିଦାୟ ନେଲେ । ଗୋପବନ୍ଧୁ ଦାସ

Digitized by srujan ka@gmail.com

ମୟୂରଭଞ୍ଜ ରାଜ୍ୟର ସରକାରୀ ଓକିଲ ନିଯୁକ୍ତ ହେଲେ । ୧୯୦୯ ମସିହା ଶେଷବେଳକୁ ସେ ମୟୂରଭଞ୍ଜରେ ପ୍ରବେଶ କରିଥିଲେହେଁ ୧୯୧୦ ମସିହା ଜାନୁଆରୀ ମଦ୍ଧଲ୍ ତାରିଖଠାରୁ ସରକାରୀ ସୂତ୍ରରେ ସେ ସରକାରୀ ଓକିଲ ଭାବରେ ନିଯୁକ୍ତ ହେଲେ ।

—*—

ଗୋପବନ୍ଧୁ ଓ ବାରିପଦା ହାଇସ୍କୁଲ

୧୯୧୦ ମସିହା ।

ମେ ମାସର ଅପରାହ୍ଣ । ବାରିପଦାର ମାଟି ପ୍ରଖର ରୌଦ୍ର ତାପରେ ଉତ୍ତପ୍ତ । ଚତୁର୍ଦ୍ଦିଗରୁ ଝାଞ୍ଜି ପବନ ବୋହୁଅଛି । ସତେ ଯେପରି ଦେହକୁ ଜାଳିପୋଡ଼ିଦେଇ ଯିବ ।

ସେଦିନ ଶନିବାର । କଚେରୀରେ ବିଶେଷ କାର୍ଯ୍ୟ ନାହିଁ । ଗୋପବନ୍ଧୁ ନିଜର ବାସଭବନକୁ ଯାଇଛନ୍ତି । ବାସଭବନରେ ପହଞ୍ଚୁ ପହଞ୍ଚୁ ଶୁଣିଲେ ବାହାରୁ ଏକ ବିରାଟ ଚିତ୍କାର, "ସମୁଦାୟ ବଡ଼ସାହିଟା ପୋଡ଼ିଗଲା"—ମୁହୂର୍ତ୍ତକ ଭିତରେ ପୋଷାକପତ୍ର ଫିଙ୍ଗିଦେଇ ରାସ୍ତା ଉପରକୁ ବାହାରି ଆସିଲେ । ଦେଖିଲେ ଅଦୂରରୁ ଅଗ୍ନିଶିଖାର ପ୍ରକୋପ । ଜଣେ କେହି ଦୌଡ଼ି ଦୌଡ଼ି କହୁଥିବାର ଶୁଣାଗଲା, "ଓଃ, ମହାରାଜା ଯାହା ଏତିକିବେଳକୁ ନାହାନ୍ତି ?" ଗୋପବନ୍ଧୁଙ୍କ ଚିନ୍ତାରେ ବାଧା ଆସିଲା । କିଛିଦିନ ପୂର୍ବେ ମହାରାଜା ଶ୍ରୀରାମଚନ୍ଦ୍ର ପୃଥିବୀ ଭ୍ରମଣରେ ବାହାରିଯାଇଛନ୍ତି । ତାଙ୍କ ବାସଗୃହ ନିକଟରେ ହାଇସ୍କୁଲଟି । ଏହି ହାଇସ୍କୁଲର ପିଲାଏ

Digitized by srujan ka@gmail.com

ସବୁ ପାରିବେ । ସେ ତ ପୁରୀ ହାଇସ୍କୁଲ ଗୁରୁ ହିସାବରେ ତାଙ୍କର ସେବାର ଜୀବନ ଆରମ୍ଭ କରିଥିଲେ । ଏକ ନିଶ୍ୱାସରେ ଧାଇଁଲେ ଗୋପବନ୍ଧୁ । ଏକା ଥରେ ଯାଇ ହାଇସ୍କୁଲର ହେଡ଼ମାଷ୍ଟରଙ୍କ ଅଫିସଘର ଦୁଆର ମୁହଁରେ । ଠିକ୍ ସେତିକିବେଳକୁ ହେଡ଼ମାଷ୍ଟର ଚିନ୍ତା କରୁଥିଲେ କର୍ତ୍ତବ୍ୟ । ଶୈଳେନ୍ଦ୍ରନାଥ ସରକାର ସ୍କୁଲର ହେଡ଼ମାଷ୍ଟର । ସେବାମନୋଭାବ ନିର୍ମଳ ଚରିତ୍ରର ବ୍ୟକ୍ତି ସେ । ହଠାତ୍ ଗୋପବନ୍ଧୁଙ୍କୁ ଦେଖି, ତାଙ୍କର ସେପରି ଆଶା ଆଜି ସାହସର ସଞ୍ଚାର ହେଲା । ସେ କହି ପକାଇଲେ, "କଣ କରିବା କହନ୍ତୁ ।" ଗୋପବନ୍ଧୁ କହିଲେ, "ଆଜି କଥାବାର୍ତ୍ତା ହେବାର ବେଳ ନାହିଁ । ମୋ ସାଙ୍ଗରେ ଯେତେ ପିଲା ଆସୁଛନ୍ତି, ଆସନ୍ତୁ । ସେମାନଙ୍କର ନିଜ ନିଜର ବାଲ୍‌ଟି, ଲୋଟା ଧରି ବାହାରି ଆସନ୍ତୁ । କେତୋଟି ଠେଙ୍ଗାବାଡ଼ି ନିଆଁ ଲଗା କୁଡ଼ିଆକୁ ଆଡ଼େଇବା ପାଇଁ ଆଣନ୍ତୁ ।" ସଙ୍ଗେ ସଙ୍ଗେ ହାଇସ୍କୁଲର ହେଡ଼ମାଷ୍ଟର ଶୈଳେନ୍ଦ୍ରବାବୁ ଇଙ୍ଗିତ ଦେଲେ । ସରକାରୀ ଓକିଲ ଗୋପବନ୍ଧୁଙ୍କୁ ଏକ ଅଦ୍ଭୁତ ବେଶରେ ଦେଖି ପିଲାମାନେ ଆହୁରି ଉତ୍ସାହିତ ହୋଇପଡ଼ିଲେ । ସେତେବେଳକୁ ସେମାନେ ଶୁଣିଥିଲେ ବି ଆଖିରେ ଦେଖି ନ ଥିଲେ—ଏଇ ଥିଲା କର୍ମୀ ଗୋପବନ୍ଧୁଙ୍କର ପ୍ରକୃତ ବେଶ । ଅଦୂରରେ ସ୍କୁଲ ବାରଣ୍ଡାରେ ଛିଡ଼ା ହୋଇ ସଂସ୍କୃତ ପଣ୍ଡିତ ସଦାଶିବ ମହାପାତ୍ର କହୁଥାନ୍ତି "ବୃଦ୍ଧସ୍ୟ ବଚନ ଗ୍ରାହ୍ୟଂ ଆପତ୍ କାଳେ ହ୍ୟୁପସ୍ଥିତେ"—ପୁଣି ସେ କହୁଥାନ୍ତି, "ଆରେ ପିଲାଏ, ଶୀଘ୍ର ଶୀଘ୍ର ବାହାରି ପଡ଼ୁନାହଁ କାହିଁକି ? ବିଳମ୍ବେନାଲଂ" । ପିଲାମାନେ ବୋଧହୁଏ ସଂସ୍କୃତ ପଣ୍ଡିତ ମହାଶୟଙ୍କର କଥା ଶୁଣି ଭାବୁଥାନ୍ତି "ବୃଦ୍ଧ କିଏ ?" ପଣ୍ଡିତ ମହାଶୟ ନା ଗୋପବନ୍ଧୁ ?"

Digitized by srujan ka@gmail.com

ଏକା ମନପ୍ରାଣରେ ବାହାରିଗଲେ ହାଇସ୍କୁଲର ଛାତ୍ରମାନେ । ଆଗେ ଆଗେ ଗୋପବନ୍ଧୁ । ହାତରେ ତାଙ୍କର ବାଲ୍‌ଟି । ସମସ୍ତଙ୍କର ଉଦ୍ୟମରେ ନିଆଁ ଲିଭିଗଲା । ଆହତମାନଙ୍କୁ ଗୋପବନ୍ଧୁ ଚିକିତ୍ସା କରାଇବାର ଉଦ୍ୟମ କଲେ । ଛାତ୍ରମାନେ ଆହୁରି ଉତ୍ସାହିତ ହୋଇ ଗୋପବନ୍ଧୁଙ୍କୁ ସହଯୋଗ କଲେ ।

ଗୋପବନ୍ଧୁ ହାଇସ୍କୁଲର ଛାତ୍ରମାନଙ୍କୁ ନେଇ "Young Utkal Association" ନାମରେ ଏକ ସଂଘ ଗଢ଼ିଥିଲେ । ଏହି ସଂଘ ବିଶେଷକରି ଶନିବାର ଏବଂ ରବିବାରରେ ବିଭିନ୍ନ ପ୍ରକାର କାର୍ଯ୍ୟ କରୁଥିଲେ । ରାସ୍ତାଘାଟ ପରିଷ୍କାର କରିବା, ରୋଗୀ ସେବା କରିବା ପରି ସମାଜସେବାମୂଳକ କାର୍ଯ୍ୟଠାରୁ ଆରମ୍ଭ କରି ସାହିତ୍ୟ ଚର୍ଚ୍ଚାରେ ଏମାନେ ଅଂଶ ଗ୍ରହଣ କରୁଥିଲେ । ଫଳରେ ଛାତ୍ରମାନଙ୍କର ଉତ୍ତମ ଶାରୀରିକ ଓ ମାନସିକ ବିକାଶର ସୁଯୋଗ ଘଟିଥିଲା ।

ଗୋପବନ୍ଧୁ ଦରିଦ୍ର ଛାତ୍ରମାନଙ୍କୁ ପଠନର ସୁଯୋଗ ଦେବା ଲାଗି ଅନାଥାଶ୍ରମ ଗଢ଼ିଥିଲେ । ଏଠାରେ ନିଃସ୍ୱ ଓ ଦରିଦ୍ର ଛାତ୍ରମାନେ ରହି ବିଦ୍ୟାଶିକ୍ଷାର ସୁବିଧା ପାଉଥିଲେ । ଉଲ୍ଲେଖ କରିବା ବାହୁଲ୍ୟ, ବାରିପଦା ହାଇସ୍କୁଲରେ ଛାତ୍ରମାନଙ୍କୁ କର୍ମମୁଖର କରିବା ପାଇଁ ସତେ ଯେପରି ମଣିକାଞ୍ଚନର ସଂଯୋଗ ହୋଇଥିଲା । ହାଇସ୍କୁଲରେ ହେଡ୍‌ମାଷ୍ଟର ଶୈଳେନ୍ଦ୍ର ନାଥ ସରକାର—ସ୍ୱଭାବତଃ ସେବାପରାୟଣ । ସେ ଗୋପବନ୍ଧୁଙ୍କର ସାନିଧ୍ୟ ଲାଭ କରି ପିଲାମାନଙ୍କୁ ଆହୁରି ସେବା-ପରାୟଣ ହେବା ପାଇଁ ଉଦ୍‌ବୁଦ୍ଧ କରିଥିଲେ । ହାଇସ୍କୁଲର ହତା ଭିତରେ ଶୈଳେନ୍ଦ୍ର ସରକାର ଏବଂ ହତାର ଠିକ୍ ବାହାରେ ଗୋପବନ୍ଧୁ ଦାସ ସତେ ଯେପରି ଛାତ୍ରମାନଙ୍କର ଜୀବନକୁ

Digitized by srujan ka@gmail.com

ସୁସଂଗଠିତ, ସୁଶୃଙ୍ଖଳିତ କରି ଗଢ଼ିବାକୁ ଚାହିଁ ବସିଥିଲେ । ବାରିପଦାକୁ ଆସିବା ପୂର୍ବରୁ ଗୋପବନ୍ଧୁ ନୀଳଗିରିରେ ଶିକ୍ଷକତା କରି ସାରିଥିଲେ । ଛାତ୍ର ଶିକ୍ଷକଙ୍କର ନିବିଡ଼ ସମ୍ପର୍କ ସହିତ ସେ ଥିଲେ ପରିଚିତ । ତାଙ୍କର ଅତୀତ ଶିକ୍ଷକ-ଜୀବନର ଅଭିଜ୍ଞତା ଛାତ୍ରମଣ୍ଡଳରେ ତାଙ୍କୁ ଆହୁରି ପ୍ରିୟ କରି ପାରିଥିଲା ।

—*—

ମୟୂରଭଞ୍ଜର
ସରକାରୀ ଓକିଲ ଗୋପବନ୍ଧୁ

ସରକାରୀ ଓକିଲ ଆଉ ଗୋପବନ୍ଧୁ—ଏ ଦୁଇଟି ମଧ୍ୟରେ ଏକ ଆପୋଷ ସମାଧାନ ଯେପରି ଅତୀବ କଷ୍ଟକର ମନେହୁଏ । ଗୋପବନ୍ଧୁ ବି. ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ପରେ ୧୯୦୬ ମସିହାରେ ନୀଳଗିରି ହାଇସ୍କୁଲରେ ଶିକ୍ଷକତା କଲେ । ସେହି-ଠାରେ ଯେ ତାଙ୍କର ଓକିଲାତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାର ସମ୍ବାଦ ପାଇଲେ । ୧୯୦୭ ମସିହାରେ ଚାକିରିର ଶୃଙ୍ଖଳିତ ଜୀବନ ମଧ୍ୟରେ ଗୋପବନ୍ଧୁ ଆବଦ୍ଧ ହୋଇ ରହିପାରିଲେ ନାହିଁ—ଚାକିରି ଛାଡ଼ି ସେ କଟକରେ ଓକିଲ ହେଲେ । ଓକିଲାତି ବ୍ୟବସାୟ ଗୋପବନ୍ଧୁଙ୍କର ଆଦର୍ଶର ଅନୁକୂଳ ଥିଲା । ସେଥିରେ ସେ ସ୍ୱାଧୀନ ଜୀବନ ଯାପନ କରିବାର ସୁବିଧା ପାଉଥିଲେ—ମାତ୍ର ସମୟକ୍ରମେ, ଉତ୍କଳଗୌରବ ମଧୁସୂଦନ ଦାସଙ୍କ ନିର୍ଦ୍ଦେଶ ଏବଂ ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କର ଅନୁରୋଧ ଏଡ଼ି ନ ପାରି ଗୋପବନ୍ଧୁ ମୟୂରଭଞ୍ଜରେ ସରକାରୀ ଓକିଲ ହିସାବରେ ଯୋଗଦେଲେ । ଆନୁଷ୍ଠାନିକ ଭାବରେ ସେ କାର୍ଯ୍ୟଭାର ଗ୍ରହଣ କଲେ ୧୯୧୦ ମସିହା ଜାନୁୟାରୀ ମାସ ସତର ତାରିଖରେ ।

Digitized by srujan ka@gmail.com

ସରକାରୀ ଓକିଲ ହିସାବରେ ଗୋପବନ୍ଧୁ ଦାସଙ୍କୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ରାଜ୍ୟର ଷ୍ଟେଟ୍ କାଉନ୍ସିଲ୍‌ର ଅନ୍ତରଙ୍ଗ ସଭ୍ୟ କରିନେଲେ । ୧୯୧୦ ମସିହା ଅପ୍ରେଲ ମାସ ୭ ତାରିଖରେ ଚଳିତ ଆର୍ଥିକ ବର୍ଷ ବଜେଟ ପାସ୍ କରିବା ପାଇଁ ଷ୍ଟେଟ୍ କାଉନ୍‌ସିଲ୍‌ର ଏକ ସଭା ହେଲା । ଏହି ସଭାରେ ସଭାପତି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ବ୍ୟତୀତ, ଉପଦେଷ୍ଟା ସଭ୍ୟ ଭାବରେ ରାଜ୍ୟର ଦେଓ୍ୱାନ୍ ମୋହିନୀ ମୋହନ ଧର, ରାଜ୍ୟର ଚିଫ୍ ଇଞ୍ଜିନିୟର ଜେ. ଏ. ମାର୍ଟିନ୍, ରାଜ୍ୟର ଚିଫ୍ ଜଜ୍ ହରିଦାସ ବୋଷ ଉପସ୍ଥିତ ଥିଲେ । ଏଥିରେ ଅନ୍ତରଙ୍ଗ ସଭ୍ୟ ରାମହରିବାବୁ ଏବଂ ଗୋପବନ୍ଧୁ ଦାଶ ମଧ୍ୟ ଯୋଗଦେଇ ଥିଲେ ।

ପ୍ରଥମେ ସଭାର ସଭାପତି, ଦିଲ୍ଲୀରେ ବ୍ରିଟିଶ୍ ରାଜାଙ୍କର ଦରବାର ଉତ୍ସବ ପାଇଁ ଅର୍ଥ ସାହାଯ୍ୟ କରିବା ଦୃଷ୍ଟିରୁ ରାଜ୍ୟରେ ଅର୍ଥ ଆଦାୟର ଅଣ୍ଟକଳ ହୋଇଥିବାର ସୂଚନା ଦେଇଥିଲେ । ତେଣୁ କେବଳ ଜଳ ଯୋଗାଣ ବ୍ୟତୀତ P. W. D. ର ଅନ୍ୟାନ୍ୟ କୌଣସି ଯୋଜନା କାର୍ଯ୍ୟ କରିବା ସମ୍ଭବ ନୁହେଁ ବୋଲି ସେ ଦର୍ଶାଇଥିଲେ । ସେ ପୁଣି ସୂଚନା ଦେଇଥିଲେ, "କେନାଲ୍ ଜଳ କର ରେଗୁଲେସନ୍"ର ପ୍ରଚଳନ ଫଳରେ ଜଳ ଯୋଗାଣ ସାହାଯ୍ୟରେ ବ୍ୟକ୍ତିବିଶେଷଙ୍କ ନିକଟରୁ କିଛି ଅର୍ଥ ଆଦାୟ ହେବ । ଆହୁରି ମଧ୍ୟ ସେ କହିଥିଲେ ଯେ, ଲୋକାଲବୋର୍ଡ ତରଫରୁ ଏକ ଶିକ୍ଷା ସେସ୍ ଆଦାୟ ହେବ ଏବଂ ଏହାକୁ ଶିକ୍ଷା ବାବଦରେ ବ୍ୟୟିତ କରାଯିବ ।

ସଭାପତିଙ୍କର ବଜେଟ ଭାଷଣ ପରେ ଗୋପବନ୍ଧୁ ଦାସ ନିଃସଙ୍କୋଚ ଭାବରେ ଦଣ୍ଡାୟମାନ ହୋଇ ନିଜର ନିର୍ଭୀକ ମତ ପ୍ରକାଶ କରିଥିଲେ । ସେ ଅତୀବ ଦୁଃଖ ପ୍ରକାଶ କରି କହିଥିଲେ

Digitized by srujan ka@gmail.com

ଯେ, ରାଜ୍ୟର ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ବିଶେଷ ଅର୍ଥ ଅଟକଳ କରାଯାଇ ନାହିଁ । ସେ ଦର୍ଶାଇଥିଲେ ଯେ, ଜୀବନରେ ଶିକ୍ଷା ଓ ସ୍ୱାସ୍ଥ୍ୟର ମୂଲ୍ୟ ସର୍ବାଧିକ । ପ୍ରାଥମିକ ଶିକ୍ଷାଦାନରେ ଦରମା ଛାଡ଼ କରିବା ଆବଶ୍ୟକ ବୋଲି ଗୋପବନ୍ଧୁ ଦାଶ ଦର୍ଶାଇ ଥିଲେ । ବାମଣ୍ଡାରେ ଶିକ୍ଷା ପାଇବା ଲାଗି ୬୦୦ ଗ୍ରାମ ଥିଲେ । ମାତ୍ର ସେମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସେମାନେ ଶିକ୍ଷା ଲାଭରୁ ବଞ୍ଚିତ ହେଉଥିଲେ । ଏହି ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ଯାଇ ଗୋପବନ୍ଧୁ କହିଥିଲେ ଯେ, ବାମଣ୍ଡାର କାଠ ବା ଖଣି ରାଜ୍ୟର ସମ୍ପଦ ନୁହେଁ—ରାଜ୍ୟର ଶ୍ରେଷ୍ଠ ସମ୍ପଦ ବାମଣ୍ଡାର ଅଧିବାସୀଗଣ । ତେଣୁ ସେହିମାନଙ୍କୁ ଯୋଗ୍ୟ କରାଇବା ରାଜ୍ୟ ସରକାରଙ୍କର ପ୍ରଥମ ଦାୟିତ୍ୱ । ସେହିପରି ବାମଣ୍ଡା ଅଧିବାସୀଙ୍କର ସ୍ୱାସ୍ଥ୍ୟରକ୍ଷା ଦିଗରେ ସରକାର ଦ୍ୟାୟଶୀଳ ହେବା ଉଚିତ୍ ବୋଲି ଗୋପବନ୍ଧୁ ଦର୍ଶାଇଥିଲେ ।

ଗୋପବନ୍ଧୁ ଥିଲେ ସରକାରୀ ଉକିଲ । ସରକାରଙ୍କ ସପକ୍ଷରେ ତାଙ୍କର ମତ ଦେବାର କଥା । ମାତ୍ର ରାଜ୍ୟର ସରକାରୀ ଉକିଲ ହୋଇ ମଧ୍ୟ ସ୍ୱୟଂ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ସମ୍ମୁଖରେ ଜନସାଧାରଣଙ୍କ ତରଫରୁ ଗୋପବନ୍ଧୁଙ୍କୁ ଓକିଲାତି କରିବାର ଦେଖି, ଉପଦେଷ୍ଟା ସଭ୍ୟବୃନ୍ଦ ବିସ୍ମିତ ହୋଇଥିଲେ । ଗୋପବନ୍ଧୁଙ୍କର ଏହି ଉକ୍ତି ଶୁଣି ଦେଓ୍ୱାନ ହିସାବରେ ନିଜର ସରକାରୀ ଦାୟିତ୍ୱ ରକ୍ଷା କରିବାକୁ ଯାଇ ମୋହିନୀମୋହନ ଧର କହିଲେ, ରାଜ୍ୟରେ ତ ୨୦୦ ପୋଖରୀ ଅଛି ଏବଂ ବାମଣ୍ଡାରେ ୧୦୦ କୂଅ ମଧ୍ୟ ଅଛି—ତେଣୁ ସ୍ୱାସ୍ଥ୍ୟ ପ୍ରତି ସରକାର ଉପେକ୍ଷା କରି ନାହାନ୍ତି । ଅଧିକନ୍ତୁ ସେ ପ୍ରକାଶ କରିଥିଲେ ଯେ, ବ୍ରିଟିଶ୍ ସରକାରଙ୍କ ତତ୍ତ୍ୱାବଧାନରେ ଥିଲାବେଳେ ରାଜ୍ୟରେ ଶିକ୍ଷା ପାଇଁ

Digitized by srujan ka@gmail.com

ମାତ୍ର ନ ହଜାର ଟଙ୍କା ବ୍ୟୟିତ ହେଉଥିଲା—କିନ୍ତୁ ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ଅମଳରେ ତାହା ପ୍ରାୟ ଶହେ ହଜାର ଟଙ୍କାକୁ ବୃଦ୍ଧି ପାଇଅଛି ।

ଏହା ପରେ ଜିଲ୍ଲା ଜଜ୍ ଉପଦେଷ୍ଟା ସଭ୍ୟ ହରିଦାସ ବୋଷ କହିଲେ, "ରାଜ୍ୟ ପ୍ରଥମେ ଲୋକମାନଙ୍କର ଜୀବନ ଧାରଣ ସ୍ୱଚ୍ଛନ୍ଦ କରିବ ଏବଂ ଏହା ପରେ ଯାଇ ଶିକ୍ଷାର ପ୍ରଶ୍ନ । ସେ କହିଲେ, ଲୋକମାନଙ୍କର କୃଷିର ଉନ୍ନତି ଅର୍ଥେ ବଡ଼ ବଡ଼ ଜଳଯୋଗାଣ ଯୋଜନା କଳ୍ପନା କରାଯାଉଛି । ଶତକଡ଼ା ଦଶ ଜଣ ଲୋକ ଶିକ୍ଷା ପାଉଛନ୍ତି । ବାରିପଦା ସହରରେ ଦରମାଛାଡ଼ ଶିକ୍ଷାଦାନର ବ୍ୟବସ୍ଥା ହୋଇପାରେ ବୋଲି ସେ କହିଥିଲେ ।

ସଭ୍ୟମାନେ ନିଜ ନିଜର ମତାମତ ପ୍ରଦାନ କଲେ । ଏଥର ସଭାପତି ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କର ପାଳି । ନିଜର ସ୍ଥାନ ତ୍ୟାଗ କରି ସେ ଉଠିଲେ । ଅତିରିକ୍ତ ସଭ୍ୟ ଗୋପବନ୍ଧୁ ଦାଶଙ୍କୁ ତାଙ୍କର ମତାମତ ଯୋଗେ ସଭାପତି ଧନ୍ୟବାଦ ଦେଲେ । ତତ୍ପରେ ସେ ଏକ ଅତି ସୁନ୍ଦର ଭାଷଣ ଦେଇ ପ୍ରକାଶ କରିଥିଲେ ଯେ ଶିକ୍ଷାର ମହତ୍ତ୍ୱ ସମସ୍ତଙ୍କୁ ବିଦିତ । ମାତ୍ର ମୟୂର ଭଞ୍ଜ ଜିଲ୍ଲାରେ ଆଦିବାସୀଙ୍କ ସଂଖ୍ୟା ଅଧିକ । ତେଣୁ ଯେତେ ଉଦ୍ୟମ କଲେ ମଧ୍ୟ ଏକା ଦିନରେ ମୟୂରଭଞ୍ଜ ରାଜ୍ୟର ଅଧିବାସୀଙ୍କୁ ଉଚ୍ଚଶିକ୍ଷାର ଶେଷ ସୋପାନରେ ପହଞ୍ଚାଇ ଦେଇ ହେବ ନାହିଁ । ଏଥିଲାଗି ସମୟ ଏବଂ ସୁଯୋଗର ଅପେକ୍ଷା କରିବାକୁ ପଡ଼ିବ । ବାଧ୍ୟତାମୂଳକ ଶିକ୍ଷାର କଳ୍ପନା ଏକଦା ହୋଇଥିଲା । ମାତ୍ର ଆଦିବାସୀବହୁଳ ରାଜ୍ୟରେ ତାହା କାର୍ଯ୍ୟକାରୀ କରାଇବା ସମ୍ଭବ ହୋଇପାରିଲା ନାହିଁ । ସ୍ୱାସ୍ଥ୍ୟ ସମ୍ବନ୍ଧରେ ବୁଝାଇବାକୁ ଯାଇ ସେ କହିଥିଲେ ଯେ, ମୟୂରଭଞ୍ଜର ରାଜାସରକାର ଲୋକ-ମାନଙ୍କର ସ୍ୱାସ୍ଥ୍ୟ ଲାଗି କେବଳ ଅର୍ଥ ବିନିଯୋଗ କଲେ ହେବ

Digitized by srujan ka@gmail.com

ନାହିଁ । ଏ ଦିଗରେ ଲୋକମାନେ ନିଜେ ନିଜେ ଅର୍ଥ ବିନିଯୋଗ କରିବା ଆବଶ୍ୟକ । ଏ ଦିଗରେ ବେସରକାରୀ ସଭ୍ୟମାନଙ୍କର ଦାୟିତ୍ୱ ରହିଅଛି । ସେମାନେ ମଧ୍ୟ ଲୋକମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ବନ୍ଧରେ ସଚେତନ କରାଇବା ଦରକାର । ବଜେଟ ବହୁ ଯୁକ୍ତିତର୍କ ପରେ ଗୃହୀତ ହୋଇଗଲା ।

ମାତ୍ର ବଜେଟ ସଭାରେ ଗୋପବନ୍ଧୁ ସରକାରୀ ଓକିଲ ହିସାବରେ ତାଙ୍କର ସୀମା ପ୍ରତି ଆଦୌ ଧ୍ୟାନ ଦେଇ ନ ଥିଲେ । ଓକିଲ ଥିଲେ ସେ ନିଷ୍ଠାପ୍ର । ଓକିଲାତି ପରି ସ୍ୱାଧୀନ ବ୍ୟବସାୟୀ କରିବା ପାଇଁ ସେ ଶିକ୍ଷକ ଜୀବନ ତ୍ୟାଗ କରିଥିଲେ । ସମୟର ରଥଚକ୍ରରେ ଗୋପବନ୍ଧୁଙ୍କୁ ମୟୂରଭଞ୍ଜ ରାଜ୍ୟର ସରକାରୀ ଓକିଲ ପଦରେ କାର୍ଯ୍ୟଭାର ଗ୍ରହଣ କରିବା ପାଇଁ ପଡ଼ିଥିଲା ସତ୍ୟ । ମାତ୍ର ରାଜ୍ୟର ସରକାରୀ ଓକିଲ ହୋଇ ମଧ୍ୟ ସେ ଯାହା ଉଚିତ ଏବଂ ନ୍ୟାୟ ବୋଲି ଭାବୁଥିଲେ ତାହା ହିଁ କରୁଥିଲେ । କେତେକ ସମୟରେ ସରକାରୀ ମାତର ସୌଜନ୍ୟ ଦୃଷ୍ଟିରୁ ଗୋପବନ୍ଧୁଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପାଦନ ହୁଏତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କର ଅନୁକୂଳ ଥିଲା । ମାତ୍ର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ଦୃଷ୍ଟିରେ ମୟୂରଭଞ୍ଜ ରାଜକୋଷର ମାସିକ କିଛି ଅର୍ଥର ବିନିମୟରେ ଗୋପବନ୍ଧୁଙ୍କ ଭଳି ଏକ ଅନୁଷ୍ଠାନକୁ ବାନ୍ଧି ରଖିବା ସହଜ ବା ସମ୍ଭବ ନ ଥିଲା । ଗୋପବନ୍ଧୁଙ୍କ ପ୍ରତି ମହାରାଜା ଶ୍ରୀରାମଚନ୍ଦ୍ରଙ୍କର ଅଶେଷ ସ୍ନେହ ଓ ସମ୍ମାନ ଥିଲା । ସରକାରୀ ଓକିଲର ସୀମିତ ଧର୍ମକୁ ମହାରାଜା ଗୋପବନ୍ଧୁଙ୍କଠାରେ ଆଶା କରି ନ ଥିଲେ । ଗୋପବନ୍ଧୁଙ୍କ ଜୀବନର ମାନବିକତାର ଧର୍ମ ହିଁ ମହାରାଜାଙ୍କୁ ଗଭୀର ଆତ୍ମ-ସନ୍ତୋଷ ଦେଇ ପାରିଥିଲା ।

—*—

Digitized by srujan ka@gmail.com

ବାରିପଦାରେ ଗୋପବନ୍ଧୁଙ୍କର ସାହିତ୍ୟିକ ଜୀବନ

୧୯୧୦ ମସିହା—

ଜୁନ୍ ମାସର ଏକ ମଧ୍ୟାହ୍ନ । ରବିବାର । ମଧ୍ୟାହ୍ନ ଭୋଜନ ଶେଷ ହୋଇଯାଇଛି । ନିଜକୁ ମିଳିଥିବା ବାସଭବନ ଭିତରେ ଏକାକୀ ବସି ରହିଛନ୍ତି ଗୋପବନ୍ଧୁ । ବାରିପଦା ସହରରେ ସେ ସରକାରୀ ଓକିଲ । ମାତ୍ର ଓକିଲାତି କରିବାର ବା ଅର୍ଥ ଉପାର୍ଜନର ମୋହ ନେଇ ସେ ବାରିପଦା ଆସି ନ ଥିଲେ । ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଙ୍କର ସାହିତ୍ୟାନୁରାଗ ତାଙ୍କୁ ବାରିପଦା ଟାଣି ଆଣିଥିଲା ।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ପୃଥିବୀ ଭ୍ରମଣରେ ଚାଲିଗଲେ । ସେ ବାରିପଦା ଛାଡ଼ିବାର ପ୍ରାୟ ମାସେ ହୋଇଗଲାଣି । ଗୋପବନ୍ଧୁ ଗବାକ୍ଷ ମଧ୍ୟ ଦେଇ ଚାହିଁଥିଲେ ବାହାରକୁ । ମହାରାଜାଙ୍କ ସହିତ ପ୍ରତ୍ୟେକଟି ମୁହୂର୍ତ୍ତ ତାଙ୍କର ଜୀବନ୍ତ ହୋଇ ଉଠିଛି ।

ହଠାତ୍ ବାହାରେ ଠକ୍ ଠକ୍ ଶବ୍ଦ ଶୁଣାଗଲା । ଅପ୍ରତ୍ୟାଶିତ ଶବ୍ଦ । ଗୋପବନ୍ଧୁ କାହାରି ଅପେକ୍ଷାରେ ନାହାନ୍ତି । ଅଧିକନ୍ତୁ ରବିବାର । ନିଜର ମଧ୍ୟାହ୍ନ ଭୋଜନ ଶେଷ ହୋଇ ଯାଇଛି । ନିଃସଙ୍ଗ ଜୀବନରେ ଏ ଅସମୟରେ ଅତିଥି ? ହଠାତ୍ କିଛି ଭାବି ପାରିଲେ ନାହିଁ ଗୋପବନ୍ଧୁ । ପୂଜାରୀ ପିଲା ଶ୍ରୀକର ଯାଇ ଦୁଆର ଖୋଲିଦେଲା ।

ଆଗପଛ ହୋଇ ତିନି ଜଣ ଯୁବକ ବାହାରେ ଆସିଲେ । ପ୍ରତ୍ୟେକଙ୍କ ହାତରେ ଗୋଟିଏ ଲେଖାଏ ଟିଣ ସୁଟ୍‌କେଶ୍ । କାହାରି ମୁହଁରୁ କଥା ବାହାରୁ ନାହିଁ । ଅଥଚ ସମସ୍ତଙ୍କ ମୁହଁରେ

Digitized by srujan ka@gmail.com

ପ୍ରଫୁଲ୍ଲତାର ସଙ୍କେତ । କେହି କଥା ନ କହିବାର ଦେଖି ପୁଜାରୀ ପିଲା ଶ୍ରୀକର କହିଲା, "ଆପଣ ଓକିଲ ବାବୁଙ୍କୁ ଖୋଜୁଛନ୍ତି ! ସେ ଶୋଇ ନାହାନ୍ତି । ମୁଁ ଡାକ ଦେଉଛି ।" କହି ସଙ୍ଗେ ସଙ୍ଗେ ସେ ଚାଲିଗଲା । ପ୍ରବେଶକଲେ ଗୋପବନ୍ଧୁ । ଦେଖିଲେ ସରକାରୀ ଓକିଲଙ୍କର ସେଠାରେ ଆବଶ୍ୟକତା ନାହିଁ । ଆବଶ୍ୟକତା ଅଛି ବନ୍ଧୁତ୍ୱର– ମମତାର—ଅନ୍ତରଙ୍ଗ ବନ୍ଧୁ ତିନହେଁ ନୀଳକଣ୍ଠ, କୃପାସିନ୍ଧୁ, ଗୋଦାବରୀଶ । କଲିକତାରୁ ଫେରୁଚନ୍ତି ପୁଣି । ବାଟରେ ବାଟ ଭାଙ୍ଗିଛନ୍ତି । ବାରିପଦାରେ ଗୋପବନ୍ଧୁଙ୍କର ସାହାଚର୍ଯ୍ୟ ଲଭ କରିବେ ।

"ଆସ ଆସ, ଭିତରକୁ ଆସ—ବାହାର ଘରୁଣ୍ଟାରେ ଛିଡ଼ା ହୋଇ ରହିଲ କାହିଁକି ? ଗୋଡ଼ହାତ ଧୂଆଧୋଇ କର ।" ଗୋପବନ୍ଧୁ ଡାକଲେ ସେମାନଙ୍କୁ । ହସି ହସି ନୀଳକଣ୍ଠ କହିଲେ, "ଘରକଥା, ଆପଣ ବ୍ୟସ୍ତ ହୋଇ ପଡ଼ିଲେ ଚଳିବ ନାହିଁ—ଆମେ ଆପଣା ଆପଣା କଥା ବୁଝି ନେବୁ ।" ଗୋପବନ୍ଧୁ ପଚାରିଲେ, "ଖିଆପିଆ ?" "ନା, ବର୍ତ୍ତମାନ ପାଇଁ କିଛି ଲୋଡ଼ା ନାହିଁ—" ଉତ୍ତର ଦେଲେ କୃପାସିନ୍ଧୁ ।

ଏକତ୍ରିତ ହେଲେ ତିନ ଜଣ ସାହିତ୍ୟିକ ବନ୍ଧୁ । ସେମାନେ ଗୋପବନ୍ଧୁଙ୍କର ସେବା ଆଉ ସାହିତ୍ୟ ପ୍ରେରଣାରେ ଉଦ୍‌ବୁଦ୍ଧ । ଦାଣ୍ଡଘରେ ଆସର ଜମିଲା । ସତରଞ୍ଜି ବିଛେଇ ହୁଆଗଲା । ଚାରିଜଣଯାକ ତାହାର ଉପରେ ବସିଲେ । କିଛି ସମୟ ଏଣୁ-ତେଣୁ କଲିକତା ଖବର, ବାରିପଦାର ଖବର ପଡ଼ିଲା ପରେ କୃପାସିନ୍ଧୁ କହିଲେ, "ମନେ ଅଛି ନା, ଅବକାଶ ଚିନ୍ତାରେ ଖଣ୍ଡଗିରି ସମ୍ବନ୍ଧରେ ସେଇ କେତୋଟି ଧାଡ଼ି ?" ଏ ପ୍ରଶ୍ନଟି

Digitized by srujan ka@gmail.com

ଗୋଦାବରୀଶଙ୍କ ପ୍ରତି ସେ ଲକ୍ଷ୍ୟ କରିଥିଲେ । ହସି ହସି ଗୋଦାବରୀଶ କହିଲେ ।"

"ଆହେ ବୃଦ୍ଧ ଖଣ୍ଡଗିରି ପୁରାଣ ପ୍ରବୀଣ
ଦେଖିଅଛ ଉତ୍କଳର କେତେ ଶୁଭ ଦିନ
ଉତ୍ସାହ ଉଦ୍ୟମ ଶକ୍ତି ପ୍ରତିଭା-ବିଭବ
ସାହସ, ବିକ୍ରମ, ଧୈର୍ଯ୍ୟ, ଜାତୀୟ ଗୌରବ
ଉତ୍କଳର କେତେ କେତେ ଗୌରବ କାହାଣୀ
ଅତୀତ ଘଟନା ଦେଖି ସବୁ ଅଛ ଜାଣି ।"

ଏହି ପଦଗୁଡ଼ିକର ଉଚ୍ଚାର ସରୁ ନ ସରୁଣୁ ଗୁରୁଗମ୍ଭୀର ଭାବରେ ନୀଳକଣ୍ଠ କହିଲେ, "ମୋତେ କିନ୍ତୁ କେବଳ ପଦ୍ୟଟି ଆହୁରି ସୁଖଲାଗେ । ଭାବ ତାର ଯେପରି ଗମ୍ଭୀର ଭାଷା ସେହିପରି ସୁନ୍ଦର । ଶୁଣନ୍ତୁ ନା, ମୁଁ ଯେ କେତୋଟି ପାଦ ଉଚ୍ଚାର କରୁଛି :—

କେଡ଼େ କ୍ଷୁଦ୍ର ଦେହେ କେଡ଼େ ଗୁରୁତର ଭାବ
ଲଗଇ ଆଶ୍ଚର୍ଯ୍ୟ ମୋତେ ଦେଖି ତୋ ପ୍ରଭାବ
ଆରେ ପ୍ରବୀଣ ବିହଙ୍ଗ
ଲଭିବାକୁ ମୋର ଇଚ୍ଛା ତୋର ସାଥିସଙ୍ଗ ।"

ଚାରି ଜଣ ସାହିତ୍ୟିକ ବନ୍ଧୁଙ୍କୁ ନେଇ ପ୍ରାଣ ପାଇ ଉଠିଥିବା ସଭାସ୍ଥଳୀ କିଛିକ୍ଷଣ ପାଇଁ ନୀରବ ରହିଗଲା—ଗୋପବନ୍ଧୁ ବିଷଣ୍ଣ ଦେଖାଯାଉଥିଲେ । ନୀରବତା ଭଙ୍ଗ କରି କୃପାସିନ୍ଧୁ କହିଲେ, "କଣ କରିବେ ଦାସେ ଆପଣେ ? ୧୯୦୦ ମସିହାଠାରୁ ଦଶ ବର୍ଷ କାଳ—ଏଇ ଯେ ୧୯୧୦ ହେଲା,—ଏ'ମଧ୍ୟରେ ତାଙ୍କର ଲେଖନୀରୁ କାବ୍ୟ କବିତା ପ୍ରକାଶ ହୋଇପାରିଲା ନାହିଁ । ନ ହେବା ହିଁ ସ୍ୱାଭାବିକ କଥା । ଜୀବନ ସଂଘର୍ଷର ଜଟିଳ ପ୍ରଶ୍ନ ।"

Digitized by srujan ka@gmail.com

"ତା ଠିକ୍ ମିଶ୍ରେ । ତଥାପି ତୁମେ ଯଥାସମ୍ଭବ ବାଣପଦାରେ ପଣ୍ଡିତଙ୍କର ସାହିତ୍ୟ ଚର୍ଚ୍ଚା କଥା ଶୁଣିନାହିଁ ?" କହିଲେ ନୀଳକଣ୍ଠ ।

କୌତୂହଳୀ ହୋଇ ପ୍ରଶ୍ନ କଲେ ଗୋଦାବରୀଶ, "ଏଇ ବାଣପଦାରେ ?"

"ହଁ ହୋ ଗୋଦାବରୀଶ । ଏ ନୀଳକଣ୍ଠଙ୍କ କଥା ବୁଝୁନାହିଁ । କପରି ଉତ୍କଟ ସମାଲୋଚକ ସେ ? ମୁଁ କହିଦେଉଛି ବାଣପଦାରେ ମୋର ସାହିତ୍ୟ ଚର୍ଚ୍ଚା କଥା ।" କହିଲେ ଗୋପବନ୍ଧୁ ।

"ଲୁଚିଲେ ଚଳିବ ନାହିଁ । ଆମକୁ କିଛି ଅଛପା ନାହିଁ ।" ନୀଳକଣ୍ଠ କହିଲେ ।

"ମୁଁ କହୁଛି ଶୁଣ—ଏଇ ତ ପ୍ରାୟ ମାସେ ପୂରିବ—ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ପୃଥିବୀ ଭ୍ରମଣରେ ଗଲେ ।" ଗୋପବନ୍ଧୁ ଆହୁରି କଣ କହୁଥାନ୍ତେ । ତାଙ୍କ ତୁଣ୍ଡରୁ କଥା ଛଡ଼ାଇ ନେଇ ନୀଳକଣ୍ଠ କହିଲେ, "ଆମେ ସବୁ ଜାଣିଛୁ । ମହାରାଜାଙ୍କୁ ବିଦାୟ ଦେବା ପାଇଁ ଯେଉଁ ସଭା ହୋଇଥିଲା, ସେଥିରେ ପଣ୍ଡିତ ମହାଶୟଙ୍କର ଏକ ସଙ୍ଗୀତ ବୋଲା ହୋଇ-ଥିଲା । ଆମେ ପଣ୍ଡିତ ମହାଶୟଙ୍କ କଣ୍ଠରୁ ସେଇ ସଙ୍ଗୀତଟି ଶୁଣିବୁ । ସେ କେବଳ ପଢ଼ିଦେଲେ ଚଳିବ ନାହିଁ । ସେ ସ୍ୱର ଦେଇ ଗାଇବେ ।" କ ଆଶ୍ଚର୍ଯ୍ୟ କଥା ! ସେ ସଙ୍ଗୀତଟିକୁ ଦୁଇ ଜଣ ବାଳକ। ଯେ ଗାନ କରିଥିଲେ ।" ଗୋପବନ୍ଧୁ କହିଲେ । "ତା ମଧ୍ୟ ଆମେ ଜାଣୁ" ନୀଳକଣ୍ଠ କହିଲେ । ଆଉ ସେଥିପାଇଁ ତ ମୁଁ ପ୍ରସ୍ତାବ ଦେଇଛି ଗୀତଟି ଗାଇକରି ଆପଣ ଶୁଣାଇବେ—

Digitized by srujan ka@gmail.com

“ଏ ମାଳକଣ୍ଠ ବଡ଼ ଏକଜିଦିଆ—ଯାହା ଜିଦ୍ ଧରିଥିବ ସେଇଆ’’—ଶୁଣ ତେବେ ।,’ ନିଜର ମୃଦୁ-ମଧୁର କଣ୍ଠରେ ଗାଇଲେ ଗୋପବନ୍ଧୁ—

“ରାମଚନ୍ଦ୍ର ମହାରାଜା ପ୍ରଜା ପରାଣ ଧନ
ଯାଉଛ କେଉଁ ବିଦେଶେ ନିହ ଭଞ୍ଜ କଞ୍ଜ ତପନ ।”
ସେଦିନ ଦିବ୍ୟ ଅବଧାନେ ଏ ବିନତ ନିବେଦନ ।

ଚକ୍ଷୁ ଲୋତକପୂର୍ଣ୍ଣ ହୋଇ ଆସିଲା ସମସ୍ତଙ୍କର । ଗୋଦାବରୀଶ କହିଲେ, ପଣ୍ଡିତ ମହାଶୟଙ୍କର ଲେଖନୀ ତଥାପି ଜୀବନ୍ତ ଅଛି—ତଥାପି ମୁଖର ।’’ କୃପାସିନ୍ଧୁ ବାଧା ଦେଇ କହିଲେ, “ନା—ସାର୍ଦ୍ଧ ଦଶ ବର୍ଷର ଏଇ ଦାନ ଆମେମାନେ ଗ୍ରହଣ କରିବୁ ନାହିଁ । ଆମେ ପଣ୍ଡିତ ମହାଶୟଙ୍କ ଲେଖନୀରୁ ଆହୁରି ଅଧିକ କିଛି ଚାହୁଁ ।’’ ଗୋପବନ୍ଧୁ ଦୀର୍ଘ ନିଶ୍ୱାସ ପକାଇଲେ । ସେଦିନ ଆସରଟି ସେତିକରେ ବନ୍ଦ ରହିଲା । ପୁରୀ ଅଭିମୁଖେ ତହିଁ ଆରଦିନ ସକାଳୁ ଯାତ୍ରା କରିଗଲେ ଆଗନ୍ତୁକ ତିନିହେଁ—ରହିଗଲେ ଗୋପବନ୍ଧୁ ।

ବାରିପଦାର ତିନି ବର୍ଷର ରହଣି ମଧ୍ୟରେ ଗୋପବନ୍ଧୁ ସାମୟିକ ସାହିତ୍ୟ ସୃଷ୍ଟି କରିଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ତାଙ୍କ ପାଇଁ ଥିଲେ ଉତ୍ସାହର ଏକ ଉତ୍ସ । ମାତ୍ର ମହାରାଜା ଅଧିକ କାଳ ଜୀବନରେ ରହିଲେ ନାହିଁ । ପୃଥିବୀ ପରିଭ୍ରମଣର ପ୍ରାୟ ଏକ ବର୍ଷ ପରେ ତାଙ୍କର ଦେହାବସାନ ହେଲା । ଏଥିରେ ଗୋପବନ୍ଧୁ ଏତେ ମର୍ମାହତ ହୋଇ ପଡ଼ିଥିଲେ ଯେ ତାଙ୍କର ପରବର୍ତ୍ତୀ ରଚନା, “ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ”ରେ ତାଙ୍କର ବିଦଗ୍ଧ ହୃଦୟର ଭାବରାଶିକୁ ଅଜାଡ଼ି ଦେଇଥିଲେ :—

Digitized by srujan ka@gmail.com

"ଜୀବନଟି ଖାଲି ନିରାଶାର ବାଲି
ମରୁ ମରୀଚିକା ସେନେହ ପ୍ରୀତି
ତେବେ କି ଆଶାରେ କହ ଏ ସଂସାରେ
ପର ଲାଗି ନର ମରୁଛି ନିତି ।"

ବାରିପଦା ତ୍ୟାଗ ପରେ ଏ ପଦ୍ୟର ନିର୍ଝର ସୃଷ୍ଟି କରିଥିଲା ଗୋପବନ୍ଧୁଙ୍କର ଲେଖନୀ । ତଥାପି ଏ ମଧ୍ୟରେ ବାରିପଦାର ସ୍ମୃତି ଜଡ଼ିତ । ବାରିପଦାର ସ୍ୱଳ୍ପ ରହଣି କାଳ ଗୋପବନ୍ଧୁଙ୍କର ସାହିତ୍ୟିକ ଜୀବନକୁ ସଞ୍ଜୀବିତ କରି ରଖିଥିଲା । ବିଭିନ୍ନ ସାହିତ୍ୟ ଆଲୋଚନାରେ ଅଂଶ ଗ୍ରହଣ କରିବା ବ୍ୟତୀତ, ଯୁବମାନଙ୍କୁ ସଭା ସମିତିରେ ଉଦ୍‌ବୋଧନ ଦେବାଛଡ଼ା, ସେ ମଝିରେ ମଝିରେ ସାହିତ୍ୟିକ ରଚନା ସୃଷ୍ଟି କରୁଥିଲେ—ସାହିତ୍ୟପ୍ରେମୀ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଓ ସାହିତ୍ୟିକ ଗୋପବନ୍ଧୁଙ୍କର ଏକ ଅପୂର୍ବ ସମନ୍ୱୟ ଗଢ଼ି ଉଠିଥିଲା ବାରିପଦାଠାରେ ।

—*—

ବାରିପଦା ମୁନିସିପାଲିଟି ଓ ଗୋପବନ୍ଧୁ

୧୯୧୧ ମସିହା ଜନ୍ ମାସର କୌଣସି ଏକ ରୌଦ୍ରତପ୍ତ ଅପରାହ୍ନ । ରାଜବାଟୀର ଅନତିଦୂରରେ କ୍ଷୀଣସ୍ରୋତା ବୁଢ଼ାବଳଙ୍ଗର ଅସ୍ପଷ୍ଟ ଧ୍ୱନି ଭାସିଆସୁଛି । ବୃକ୍ଷଲତା ପରିବେଷ୍ଟିତ ସଂକୀର୍ଣ୍ଣ ଜନପଥ ପ୍ରାୟ କୋଳାହଳଶୂନ୍ୟ । ମଝିରେ ମଝିରେ ସମସ୍ତ ନୀରବତା ଭଙ୍ଗକରି କୋଇଲିର କୁହୁ ତାନ ଭେଦି

Digitized by srujan ka@gmail.com

ଆନ୍ଦୋଳନ ସୃଷ୍ଟି କରୁଛ । ରାଜବାଟୀର ସାଡବଟର ଘରର ଅଗଣା ଏ ସମୟରେ ବେଶ୍ ମୁଖରିତ ହୋଇ ଉଠୁଛି । ସ୍ୱୟଂ ରାଜା ରାମଚନ୍ଦ୍ର ଭଞ୍ଜଦେଓ ଷ୍ଟେଟ୍ କାଉନ୍‌ସିଲର ସଭ୍ୟ ଓ ମ୍ୟୁନସ୍-ପାଲ୍‌ଟି କାଉନ୍‌ସିଲ୍ ସଭ୍ୟମାନଙ୍କଦ୍ୱାରା ପରିବେଷ୍ଟିତ ହୋଇ ନାନା ଆଳାପ ଆଲୋଚନାରେ ବ୍ୟସ୍ତ । ତଥାପି ମୁ୍ୟନସ୍‌ପାଲ୍‌ଟିର ଭାଇସ୍-ଚେୟାରମ୍ୟାନ ପଦ କାହା ଉପରେ ନ୍ୟସ୍ତ କଲେ ଭଲହେବ, ଏ କଥା ସେ ସ୍ଥିର କରି ପାରୁ ନାହାନ୍ତି । ଚେୟାରମ୍ୟାନ ଲାଲ୍ ସାହେବ ହରିଶ୍ଚନ୍ଦ୍ର ଭଞ୍ଜଦେଓ ଏ ଭିତରେ ଦୁଇ ତିନ ଜଣ ବେସରକାରୀ ସଭ୍ୟଙ୍କ ନାମ ଆଗତ କଲେଣି । ତଥାପି ରାଜାଙ୍କ ମନ ଲାଖି ଲୋକ ଟିଏ ମିଳୁ ନାହିଁ । ମଝିରେ ଲାଲ୍‌ସାହେବ ହରିଶ୍ଚନ୍ଦ୍ର ଭଞ୍ଜଦେଓଙ୍କ ଅସୁସ୍ଥତା-ଜନିତ ବେସରକାରୀ ସଭ୍ୟ ତଥା ଭାଇସଚେୟାରମ୍ୟାନ୍ ଏନ୍. ସି, ଘୋଷ ଚେୟାରମ୍ୟାନ କାର୍ଯ୍ୟ ଚଳାଇଥିଲେ । କିନ୍ତୁ ତାଙ୍କର ପ୍ରତ୍ୟାବର୍ତ୍ତନ ଫଳରେ ତାଙ୍କ ସ୍ଥାନଟି ଖାଲି ପଡ଼ିଛି । ମୁ୍ୟନସ୍-ପାଲ୍‌ଟିର କାର୍ଯ୍ୟକଳାପ ସମ୍ବନ୍ଧୀୟ ରିପୋର୍ଟଟି ଦେଖି ଦେଖି ହଠାତ୍ ମହାରାଜା କହି ଉଠିଲେ ।

"ମିଷ୍ଟର ଚେୟାରମ୍ୟାନ୍ ! ଗତ ବର୍ଷ ସହରର ଛଅଟି ଓ୍ୟାର୍ଡରୁ କେତେ ଜଣ କମିସନର ମନୋନୀତ ହୋଇଥିଲେ ?"

"ଆଜ୍ଞା, ପନ୍ଦର ଜଣ"

"ସେମାନେ ସବୁ ସଭାରେ ଉପସ୍ଥିତ ହୁଅନ୍ତି ତ ?" "ତିନି ଚାରି ଜଣଙ୍କ ବ୍ୟତୀତ ପ୍ରାୟ ସମସ୍ତେ ଯଥାସମୟରେ ଉପସ୍ଥିତ ହୋଇ ସହଯୋଗ କରନ୍ତି ।" ଟିକିଏ ଗମ୍ଭୀର ହୋଇ ଷ୍ଟେଟ୍ ଜ୍ ହସ୍‌ପିଟାଲ ବୋଷଙ୍କୁ ଲକ୍ଷ୍ୟ କରି ମହାରାଜା କହିଲେ—

Digitized by srujan ka@gmail.com

"ଭାଇସ୍ ଚ୍ୟାପ୍ଟରମ୍ୟାନ୍ ପଦଟି ନିର୍ବାଚିତ କଲେ କିପରି ହୁଅନ୍ତା ।"

ଆଜ୍ଞା, ସବୁ ଆପଣଙ୍କ ଉପରେ ନିର୍ଭର କରୁଛି । ତେଣୁ ଏ ବିଷୟରେ ଆପଣ ଭାବିଚିନ୍ତି ଯାହା କହିବେ, ତାହା ମୋର ଶିରୋଧାର୍ଯ୍ୟ"—ଲାଲ୍ ସାହେବ କହିଲେ ।

"ନା······ନା, ତାହା ନୁହେଁ । ହୋଇପାରେ ମୁଁ ରାଜା, ମାତ୍ର ମୁଁ ରାଜ୍ୟର ସର୍ବେସର୍ବା ନୁହେଁ । ମୟୂରଭଞ୍ଜର ପ୍ରଜାମାନଙ୍କର ପ୍ରତିନିଧି ଆପଣମାନେ । ତେଣୁ ଆପଣମାନଙ୍କର ବିନା ପରାମର୍ଶରେ ମୁଁ କିଛି କରିପାରିବ ନାହିଁ ।" ପାଖରେ ଥୁଆ ହୋଇଥିବା ଥଣ୍ଡା ପାଣି ଏକ ଗ୍ଲାସ ପିଇ ନିଜର ଶିକ୍ଷକ ଏଚ୍: ବି: କଡେଲ ଓ ମୋହିନୀ ମୋହନ ଧର (ଷ୍ଟେଟ୍‌ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଓ ଷ୍ଟେଟ ଦେଓ୍ୱାନ)ଙ୍କୁ ଉତ୍ସାହର ସହିତ ପଚାରିଲେ, "ଆପଣମାନେ କଣ ସ୍ଥିର କଲେ ।" "ସ୍ଥିର କଣ, ମନୋନୀତ ସଭ୍ୟମାନେ ନିର୍ବାଚିତ କରନ୍ତୁ, କିଛି କ୍ଷତି ହେବ ନାହିଁ ।" ଶେଷରେ ମହାରାଜା ଷ୍ଟେଟ ଇଞ୍ଜିନିୟର୍ ଜେ.ଏ ମାର୍ଟିନ୍, ବେକର୍ଣ୍ଣା ରାମହରିଜତ୍ ବାବୁ ଓ ଘରୋଇ ମ୍ୟାନେଜର ଶ୍ରୀବାସ ଚନ୍ଦ୍ର ଭଞ୍ଜଦେଓଙ୍କର ମତନେଇ ଭାଇସ୍ ଚେୟାର-ମ୍ୟାନଙ୍କୁ ନିର୍ବାଚିତ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପାଇଲେ ।

ଏଥି ମଧ୍ୟରେ ସମସ୍ତ ସଭ୍ୟଙ୍କର ଚା ପାନ ସରିଚାଲିଣି । ସନ୍ଧ୍ୟା ଘନେଇ ଆସୁଛି । ମହାରାଜାଙ୍କ ବିଶ୍ୱସ୍ତ ଭୃତ୍ୟ ବେଧି କପୁର-ଲବଙ୍ଗ-ମିଶ୍ରିତ ପାନ ଖଣ୍ଡିଏ ରାଜାଙ୍କୁ ଧରାଇ ଦେଇ ସଲାମକରି ଚାଲିଗଲାଣି । ପାନ ଚୋବାଉ ଚୋବାଉ ରାଜା ଷ୍ଟେଟ୍-କାଉନସିଲର ବେସରକାରୀ ସଭ୍ୟ ଓ ଷ୍ଟେଟ ସରକାରୀ ଓକିଲ

Digitized by srujan ka@gmail.com

ଗୋପବନ୍ଧୁ ତାଙ୍କ ଅବସ୍ଥା ଆଣ୍ଟିଲ ନିର୍ଦ୍ଦେଶ କରି ଭାଇସ୍-ଚେୟାରମ୍ୟାନ ପଦପାଇଁ ପ୍ରାର୍ଥୀପତ୍ର ଦାଖଲ କରିବାକୁ ସମ୍ମତରେ କହିଲେ । ଘନ ଘନ କରତାଳିରେ ସାତ ବଖରା ଘରର ଅଗଣା ପ୍ରକମ୍ପିତ ହେଲା । କିନ୍ତୁ ନିଜ ଆସନରୁ ହଠାତ୍ ଛିଡ଼ା ହୋଇ ଗୋପବନ୍ଧୁ ହାତଯୋଡ଼ି ରାଜାଙ୍କୁ ଲକ୍ଷ୍ୟ କରି କହିଲେ, ରାଜା ସାହେବ ! ମୋତେ ଏ ପଦରୁ ନିଷ୍କୃତି ଦିଅନ୍ତୁ କାରଣ ଏ ପଦ ପାଇଁ ମୁଁ ସମ୍ପୂର୍ଣ୍ଣ ଅଯୋଗ୍ୟ ।''ମହାରାଜା କହିଲେ—

''କିପରି'' ?

ଆଜ୍ଞା, ବାରିପଦା ମ୍ୟୁନିସିପାଲ୍‌ଟି ସମ୍ପର୍କରେ ମୋର କିଛି ଧାରଣା ନାହିଁ କିମ୍ବା ବାରିପଦାର ଜନସାଧାରଣଙ୍କ ସହିତ ମିଶିବାର ସୁଯୋଗ ନ ପାଇବା ସଙ୍ଗେ ସଙ୍ଗେ ତାଙ୍କର ସୁଖ ଦୁଃଖ ବିଷୟରେ ମୁଁ ସମ୍ପୂର୍ଣ୍ଣ ଅନଭିଜ୍ଞ । ଦ୍ୱିତୀୟତଃ ଦୁଇଟି ଗୁରୁ-ଦାୟିତ୍ୱସମ୍ପନ୍ନ ପଦରେ ରହି କାମକରିବା ମୋ ପକ୍ଷରେ ସମ୍ଭବ ହେବ ବୋଲି ମୁଁ ଭାବି ପାରୁ ନାହିଁ ।''

''ନା—ନା, ମୁଁ ଜାଣେ ଆପଣ ବୁଦ୍ଧିମତ୍ତାର ସହିତ ଷ୍ଟେଟ କାଉନ୍‌ସିଲ ଓ ହାଇକୋର୍ଟରେ ନ୍ୟାୟ ତର୍କ କରି ସୁଚିନ୍ତିତ ମତ ବ୍ୟାଖ୍ୟାନ କରିବା ସଙ୍ଗେ ସଙ୍ଗେ ସବୁ ମଣିଷର ହୃଦୟକୁ ଚିହ୍ନି ପାରନ୍ତି । ସାଧାରଣ ପ୍ରଜାମାନେ ଆପଣଙ୍କୁ ଅତି ନିଜର ବୋଲି ଜ୍ଞାନ କରନ୍ତି । ତେଣୁ ବାବୁ ଗୋପବନ୍ଧୁ ବାବୁ, ଆପଣ ମୋ କଥାକୁ ରଖିବେ ବୋଲି ମୁଁ ଜାଣେ ।

''ରଖନ୍ତୁ ମହାରାଜ ! ଆପଣଙ୍କ ନିକଟରେ ରହି ବଡ଼ିକ୍ଷ ଦାୟିତ୍ୱ ଗ୍ରହଣ କରିବାକୁ କାହିଁକି ମୁଁ ପଛଘୁଞ୍ଚା—କହି ପାରିବି ନାହିଁ; ତାହା ବୋଧହୁଏ ବିଧିନିର୍ଦ୍ଦେଶ'' । ଏହାପରି

Digitized by srujan ka@gmail.com

ତେବେ ସେହି ଅପରାହ୍ନରେ ଗୋପବନ୍ଧୁ ଦାସ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ବ୍ୟକ୍ତିଗତ ଅନୁରୋଧ ରକ୍ଷା କରି ବାରିପଦା ମ୍ୟୁନିସିପାଲିଟିର ଭାଇସ୍ ଚେୟାରମ୍ୟାନ ହୋଇଥିଲେ । ବାରିପଦା ମ୍ୟୁନିସିପାଲିଟି ୧୯୦୭ ଜୁନ ମାସ ୧ତାରିଖରେ ପ୍ରତିଷ୍ଠିତ ହୋଇଥିଲା । ସେତେବେଳେ ଏହା ଦୁଇ ବର୍ଗମାଇଲ ବିଶିଷ୍ଟ ଥିବା ସଙ୍ଗେ ସଙ୍ଗେ ଏହାର ଲୋକସଂଖ୍ୟା ୫୭୧୭ ଥିଲା । ପ୍ରଥମ ମ୍ୟୁନିସିପାଲିଟି ଚେୟାରମ୍ୟାନ ରୂପେ ଶଙ୍ଖପଟାର ଲାଲ୍ ସାହେବ ହରିଶ୍ଚନ୍ଦ୍ର ଭଞ୍ଜଦେଓ ନିଯୁକ୍ତ ହୋଇଥିଲେ । ମ୍ୟୁନିସି-ପାଲିଟିକୁ ସେତେବେଳେ ୭ଟି ଓ୍ୱାର୍ଡରେ ବିଭକ୍ତ କରାଯିବା ସଙ୍ଗେ ସଙ୍ଗେ ୧୪ ଜଣ ଓ୍ୱାର୍ଡ କମିଶନର ରାଜାଙ୍କଦ୍ୱାରା ମନୋନୀତ ହେଉଥିଲେ । ତନ୍ମଧ୍ୟରୁ ପାଞ୍ଚ ଜଣ ସରକାରୀ ସଭ୍ୟ ଓ ୯ ଜଣ ବେସରକାରୀ ସଭ୍ୟ । ବେସରକାରୀ ସଭ୍ୟମାନଙ୍କ ଭିତରେ ୪ ଜଣ ଓକିଲ, ୨ଜଣ ବ୍ୟବସାୟୀ, ୧ଜଣ ସରଦାର, ୧ଜଣ ଜମିନ୍ଦାରକ ଓ ୧ଜଣ ଜାଗିରଦାର୍ ଥିଲେ । ଏମାନେ ସମସ୍ତେ ନିର୍ବାଚିତ ନ ହୋଇ ରାଜାଙ୍କଦ୍ୱାରା ମନୋନୀତ ହେଉଥିଲେ ମ୍ୟୁନିସିପାଲିଟି ଅଫିସରେ ଜଣେ ହେଡ଼କ୍ଲର୍କ, ଜଣେ ଏକାଉଣ୍ଟେଣ୍ଟ, ଜଣେ ଟିକସ ଦାରୋଗା, ଜଣେ କଲେକ୍ଟିଂ ସରକାର, ଜଣେ ଇନସ୍ପେକ୍ଟର ଥିଲେ । ଏହା ବ୍ୟତୀତ ୨୯ ଜଣ ଝାଡ଼ୁଦାର, ୨୮ ଜଣ ମେହେନ୍ତର ଓ ୯ ଜଣ ରାସ୍ତା ଆଲୁଅ ଜାଳିବା ବ୍ୟକ୍ତି ନିଯୁକ୍ତ ହୋଇଥିଲେ । ମ୍ୟୁନିସିପାଲିଟିର ସମୁଦାୟ ଆୟ ସେତେବେଳେ ମୋଟାମୋଟି—୫୫୮୦ ଟଙ୍କା ୯ଅଣା ୫ ପାହି ଏବଂ ଖର୍ଚ୍ଚ ୫୩୭୪ଟଙ୍କା ୯ଅଣା ୧ ପାହି (୧୦ ମାସ ମଧ୍ୟରେ) ଥିଲା । ଷ୍ଟେଟ ତରଫରୁ ମ୍ୟୁନିସିପାଲିଟିକୁ ଗ୍ରାଣ୍ଟ ହିସାବରେ ୩୮୭୯ଟଙ୍କା ୧୪ଅଣା ୫ପାହି ମିଳିଥିଲା । ଏହାପରେ ୩୪୪୪ଟଙ୍କା

Digitized by srujan ka@gmail.com

୧୪ଅଣା ୫ପାହ୍ଵ ରାସ୍ତା ଆଲୁଅ ପାଇଁ, ୪୨୫ ଟଙ୍କା ରାସ୍ତା ମରାମତି ପାଇଁ, ୧୦୩୨ ଟଙ୍କା ୯ଅଣା ୯ ପାହ୍ଵ ପାଇଖାନା ଟିକସ ଓ ଯାନ-ବାହାନ ରେଜିଷ୍ଟ୍ରେସନ ପାଇଁ, ୫୦୧ ଟଙ୍କା ୨ ଅଣା ଓ ଅନ୍ୟାନ୍ୟ ପାଇଁ ୧୮୦ ଟଙ୍କା ୧୫ ଅଣା ୩ ପାହ୍ଵ ହିସାବରେ ଟଙ୍କା ଆଦାୟ ହୋଇଥିଲା । ଷ୍ଟେଟଗ୍ରାଣ୍ଟ ୩୮୬୯ ଟଙ୍କା ୧୪ ଅଣା ୫ପାହ୍ଵ ଓ ବଳଥିବା ୨୧୦ଟଙ୍କା ୪ପାହ୍ଵକୁ ଜମା ଆକାରରେ ଆଗାମୀ ବର୍ଷ ପାଇଁ ରଖି ଦିଆଗଲା । ଜଳଯୋଗାଣ ପାଇଁ ସେତେବେଳେ ପାଇପ୍ ପ୍ରଥା ନ ଥିଲା । ତେଣୁ ନଦୀରୁ, କୂଅରୁ ଦୁଇଟି ବଡ଼ ବଡ଼ ବନ୍ଧରୁ (ବଡ଼ ପୋଖରୀ ଓ ଗୃପଲ୍ ପୋଖରୀ) ପାଣି ମିଳୁଥିଲା ।

ବିଶେଷତଃ ବଡ଼ପୋଖରୀର ପାଣିକୁ ପିଇବା ପାଇଁ (ଏବକାର ମାର୍କେଟ ପୂର୍ବେ ଜେଲଖାନା ଥିଲା—ଏବକାର ବଡ଼ପୋଖରୀ ସେତେବେଳେ ଜେଲ ପୋଖରୀ ନାମରେ ନାମିତ ହେଉଥିଲା) ସଂରକ୍ଷିତ ରଖାଯାଉଥିଲା । ହେମସାଗର ପୋଖରୀର ପାଣି ମଧ୍ୟ ପିଇବା ପାଇଁ ବ୍ୟବହୃତ ହେଉଥିଲା । ଡ୍ରେନ ପ୍ରଥା ସହରର ରାସ୍ତାମାନଙ୍କରେ ନ ଥିଲା । ସହରର ବିଭିନ୍ନ ରାସ୍ତାମାନଙ୍କରେ ୧୬୭ଟି ଆଲୁଅ ସ୍ତମ୍ଭ ଥିଲା । ଉତ୍କଳମଣି ଗୋପବନ୍ଧୁ ଦାସ ସେହିପରି ଯେତେବେଳେ ବାରିପଦାକୁ ଆସିଲେ ସେତିକବେଳେ ତଥା ୧୯୧୦- ୧ରେ ଲୋକସଂଖ୍ୟା ଥିଲା ୫୯୭୧ । ମ୍ୟୁନିସପାଲଟିର ପରିସୀମା ସେହିପରି ୨ବର୍ଗ ମାଇଲ ଥିଲା । ଓ୍ୱାର୍ଡ କାଉନ୍‌ସିଲର ୧୪ଜଣ ଥିଲେ । କ୍ୟାସ୍‌ବ୍ୟାଲାନ୍‌ସ୍ ୬,୩୮୨ ଟଙ୍କା ୧୫ ଅଣା ୩ ପାହ୍ଵ ମିଳିଥାଏ ଏବଂ ଷ୍ଟେଟ ଗ୍ରାଣ୍ଟ ୫୦୦ ଟଙ୍କା ମିଳିଥିଲା । ତନ୍ମଧ୍ୟରୁ ୩୧୦୩ ଟଙ୍କା ୧୨ ଅଣା ୬ ପାହ୍ଵ ଘର ଟିକ୍‌ସ ବାବଦରେ, ୮୬୦୯ ଟଙ୍କା ଯାନବାହନର ରେଜିଷ୍ଟ୍ରେସନ୍ ଫିସ୍ ପାଇଁ, ୨୨୦ ଟଙ୍କା ନଦୀଘାଟରୁ ଡଙ୍ଗାରେ

Digitized by srujan ka@gmail.com

ପାର ହେବା ଟିକସ୍, ୨,୭୫୧ ଟଙ୍କା ୭ ଅଣା ୬ ପାହ୍ଲି କଞ୍ଜରଭେନ୍‌ସିରୁ, ୬୨୭ ଟଙ୍କା ପାଇଖାନା ଟିକସରୁ, ମାର୍କେଟ, ଖୁଆଡ଼ ଓ ଘର ଓ ଜମି ଟିକସରୁ ୧,୦୮୧ ଟଙ୍କା ମିଳିଥିଲା । ମ୍ୟୁନିସିପାଲିଟି ଟିକସ ଅଳ୍ପ ପରିମାଣରେ ଏ ବର୍ଷ ବୃଦ୍ଧି ପାଇଥିଲା । ସମୁଦାୟ ଖର୍ଚ୍ଚ ୧୦,୦୯୮ ଟଙ୍କା ୧୨ ଅଣା ହୋଇ ଥିଲା । ମ୍ୟୁନିସିପାଲିଟିର ଋଣ କିଛି ହୋଇ ନ ଥିବାରୁ ଏହି ଖର୍ଚ୍ଚ ରାଜ୍ୟର ଆର୍ଥିକ ଅବସ୍ଥାରେ କୌଣସି ଆଘାତ ସୃଷ୍ଟି କରି ନ ଥିଲା । ମ୍ୟୁନିସିପାଲିଟି ମାର୍କେଟ ଏବେ ବୃଦ୍ଧି ପାଇବାକୁ ଆରମ୍ଭ କରିଥିଲା । ଜଳଯୋଗାଣ ପୂର୍ବ ବର୍ଷ ପରି ଥିଲା । ସହରରେ ଡ୍ରେନ୍ ହେଲେ କପରି ବର୍ଷାଦିନମାନଙ୍କରେ ପାଣି ସବୁ ଅଞ୍ଚଳକୁ ଯାଇପାରିବ ଏଥିପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଏହି ବର୍ଷ ଜଣେ କଞ୍ଜରଭେନ୍‌ସି ଇନ୍‌ସପେକ୍ଟର, ଜଣେ ଷ୍ଟୋର କିପର ଓ ଜଣେ ପିଅନ ନିଯୁକ୍ତ ପାଇଥିଲେ । ୭ଟି ଠେଲାଗାଡ଼ି ଓ ୭ଟି ଶଗଡ଼ଗାଡ଼ି ସହରରୁ ମଇଳା ସ୍ଥାନାନ୍ତରିତ କରିବାପାଇଁ ନିଯୋଜିତ କରାଯାଇଥିଲା । ୩୩ ଜଣ ସ୍ତ୍ରୀ ଝାଡ଼ୁଦାର ରାସ୍ତା ସଫା କରିବାପାଇଁ ନିଯୁକ୍ତ ପାଇଥିଲେ । ୩ଟି ଗାଡ଼ିରେ ୩ଜଣ ଗାଡ଼ିଚାଳକ ପାଇଖାନାର ମଇଳା ନେଇ ଦୂରରେ ଫିଙ୍ଗି ଦେଉଥିଲେ । ମ୍ୟୁନିସପାଲିଟି ଅଫିସର ସମୁଦାୟ ଖର୍ଚ୍ଚ ହେଲା ୩,୪୨୧ ଟଙ୍କା ୧୫ ଅଣା ୧ ପାହ୍ଲି । ୧୨୯ଟି ରାସ୍ତା-ଆଲୁଅ ଖଣ୍ଟି ଥିଲା । ତେଲ ବାବଦରେ ୧,୪୦୫ ଟଙ୍କା ୨ ଅଣା ୬ ପାହ୍ଲି ଖର୍ଚ୍ଚ ହୋଇଥିଲା ।

ଗୋପବନ୍ଧୁ ଯେଉଁ ବର୍ଷ ଭାଇସ୍ ଚେୟାରମ୍ୟାନ ଥିଲେ ସେହି ବର୍ଷ ବାରିପଦା ମୁନିସିପାଲିଟିର ପରିସର ବୃଦ୍ଧି ହେବା ସଙ୍ଗେ ସଙ୍ଗେ ବହୁ ଲୋକ ନିଯୁକ୍ତ ପାଇଥିଲେ ।

Digitized by srujan ka@gmail.com

ନିୟମିତଭାବେ କାଉନ୍‌ସିଲ୍‌ରମାନଙ୍କ ସଭାହୋଇ ବିଭିନ୍ନ ପ୍ରସ୍ତାବମାନ ଗ୍ରହଣ କରାଯାଉଥିଲା । ସଭ୍ୟମାନଙ୍କ ଉପସ୍ଥିତି ସଂଖ୍ୟା ଗତ ବର୍ଷ ଅପେକ୍ଷା ଯେଉଁ ବର୍ଷ ୫୩.୮୪ ସ୍ଥଳେ ୫୭.୬ ହୋଇଥିଲା । ଆହୁରି ୯ଟି ଆଲୁଅ ଖୁଣ୍ଟି ଅଧିକା ଲଗାଯାଇ-ଥିଲା । ରାସ୍ତାଘାଟ ଚଉଡ଼ା ହେବା ନିମିତ୍ତ ଗଛସବୁ କାଟିଦିଆ ଯାଇଥିଲା । ରାସ୍ତା ନିକଟରେ ଘରର କାନ୍ଥ ଥିଲେ ବା ବାଡ଼ ଥିଲେ ତାହା ଆପୋଷ ମିଳାମିଶାରେ ଉଠାଇ ଦେବାକୁ ଅନୁରୋଧ କରାଯାଉଥିଲା । ମାଟି ରାସ୍ତା ଥିଲେ ହେଁ ଡ୍ରେନ୍‌ଗୁଡ଼ିକ ଭଲଭାବେ ଖୋଳା ଯାଇଥିବାରୁ ପାଣି ଯିବାରେ କିଛି ଅସୁବିଧା ସୃଷ୍ଟି ହେଉ ନ ଥିଲା । ମ୍ୟୁନିସିପାଲ୍‌ଟିର କର୍ମଚାରୀମାନେ ସମୁଦାୟ ୩୬୯୬୪ ଟଙ୍କା ୮ ଅଣା ୬ ପାହି ଦରମା ସ୍ୱରୂପ ନେଉଥିଲେ । ଗତ ବର୍ଷ ଏହା ଅବଶ୍ୟ ୩,୫୨୧ ଟଙ୍କା ୧୫ ଅଣା ୧ ପାହି ଥିଲା । ୬୦୦ ଗାଡ଼ିରେ ଲାଇସେନ୍‌ସ ଲାଗିଥିଲା । ସେ ବାବଦକୁ ୭୭୧ ଟଙ୍କା ୧ ଅଣା ଆଦାୟ ହୋଇଥିଲା । ବିନା ଲାଇସେନ୍‌ସରେ ଗାଡ଼ି ସେତେବେଳେ ରାସ୍ତାରେ ଯିବାଆସିବା କରୁ ନ ଥିଲା । ୧୯୧୦-୧୧ ସାଲରେ ୮୮୮ଟି ଗାଡ଼ିରେ ଲାଇସେନ୍‌ସ ଲାଗି ୮୭୦ ଟଙ୍କା ଆଦାୟ ହୋଇଥିଲା । କିନ୍ତୁ କାଠ ବ୍ୟବସାୟ (Timber Trade) ହେତୁ ବହୁ ଗାଡ଼ି ଆବଶ୍ୟକ ହେବାରୁ ବରୁଆ କମ୍ପାନୀ ସେଗୁଡ଼ିକୁ ଠିକା ହିସାବରେ ନିଯୁକ୍ତ କରିଥିଲା । ସେହି ବର୍ଷ ସମୁଦାୟ ୧୭,୧୮୬ ଟଙ୍କା ୯ ପାହି ମ୍ୟୁନିସିପାଲିଟିରେ ଥିଲା । ତନ୍ମଧ୍ୟରୁ ସେହି ବର୍ଷର ବକେୟା କ୍ୟାଶ୍ ବାଲାନ୍‌ସ ୭,୧୭୭ ଟଙ୍କା ୪ ଅଣା ୯ ପାହି, ଷ୍ଟେଟ୍ ଗ୍ରାଣ୍ଟ ୧୩୬୦ ଟଙ୍କା ଓ ଅନ୍ୟାନ୍ୟ ଟଙ୍କା ମିଶି ୧୭,୧୮୭ ଟଙ୍କା ୯ ପାହି ହୋଇଥିଲା । ଏହି ଜମା ମଧ୍ୟରୁ ୩,୦୬୩ ଟଙ୍କା ୧୩ ଅଣା ୬ ପାହି ଘର ଟ୍ୟାକ୍‌ସରୁ

Digitized by srujan ka@gmail.com

୭୭୯ ଟଙ୍କା ୪ ଅଣା ଗାଡ଼ି ରେଜିଷ୍ଟ୍ରେସନ୍ ଫିସ୍‌ରୁ, ୪୩ ଟଙ୍କା ୮ ଅଣା ନାଗାଘରରୁ ୨,୩୦୬ ଟଙ୍କା ୮ ଅଣା କଞ୍ଜିରଭେନ୍‌ସରୁ ଓ ପାଇଖାନା ଟ୍ୟାକ୍‌ସରୁ ୫୧୮ ଟଙ୍କା, ମାର୍କେଟ ଖୁଆଡ଼ ଓ ଅନ୍ୟାନ୍ୟରୁ ୬୮୫ ଟଙ୍କା ୯ ପାହ୍ଲ ଆଦାୟ ହୋଇଥିଲା । ସମୁଦାୟ ଖର୍ଚ୍ଚ ବାବଦ ୯,୪୬୭ ଟଙ୍କା ୫ ଅଣା ୪ ପାହ୍ଲ ହୋଇଥିଲା । ବର୍ଷ ଶେଷକୁ ୬,୩୩୭ ଟଙ୍କା ୧୫ ଅଣା ୯ ପାହ୍ଲ ବାଲାନ୍‌ସ ହିସାବରେ ରହିଥିଲା ।

ଅଳ୍ପ କେତେ ଜଣ ସଭ୍ୟ ବାରମ୍ବାର ଅନୁପସ୍ଥିତ ରହିବା ହେତୁ, ସେମାନଙ୍କୁ ସଭ୍ୟ ପଦରୁ ଅବ୍ୟାହତି ଦିଆଯାଇଥିଲା । ମ୍ୟୁନିସିପାଲିଟିର କାର୍ଯ୍ୟକଳାପ ମହାରାଜା ଠିକନଖି ଲକ୍ଷ୍ୟ କରୁଥିଲେ । ତେଣୁ କାମରେ କିଛି ଅବହେଳା ଦେଖା ନ ଯାଇ ସନ୍ତୋଷଜନକ ହେଉଥିଲା । ଉତ୍କଳମଣି ଗୋପବନ୍ଧୁ ଲାଲ୍ ସାହେବ ହରିଶ୍ଚନ୍ଦ୍ର ଭଞ୍ଜଦେଓଙ୍କୁ ଉତ୍ତମ ରୂପେ ସହଯୋଗ କରୁଥିଲେ ।

ପୃଥିବୀ ଭ୍ରମଣ ଶେଷକରି ମହାରାଜା ବାରିପଦାରେ ପହଞ୍ଚିବା ପରେ ଗୋପବନ୍ଧୁ ଦାସ ଏପ୍ରିଲ ୭,୧୯୧୧ରେ ଏକ ଷ୍ଟେଟ୍ କାଉନ୍‌ସିଲର ସଭାରେ ମହାରାଜାଙ୍କୁ ମ୍ୟୁନିସିପାଲିଟି ତରଫରୁ ସମ୍ବର୍ଦ୍ଧନା ଜଣାଇବା ସଙ୍ଗେ ସଙ୍ଗେ ବାରିପଦା ସହରର ଶିକ୍ଷା, ସ୍ୱାସ୍ଥ୍ୟ ପ୍ରତି ବିଶେଷ ଦୃଷ୍ଟି ଦିଆଯାଉ ବୋଲି ଅନୁରୋଧ କରିଥିଲେ ।

ଗୋପବନ୍ଧୁ ଦାସଙ୍କୁ ଜଣେ ଅତି ନିକଟତର ସହକର୍ମୀ ରୂପେ ମହାରାଜା ପାଇଥିଲେ । ତେଣୁ ତାଙ୍କର କୌଣସି ମତକୁ ଲଘୁ ଭାବରେ ସେ ଗ୍ରହଣ କରୁ ନ ଥିଲେ । ଗୋପବନ୍ଧୁଙ୍କର ସ୍ୱାଧୀନ

Digitized by srujan ka@gmail.com

ମତକୁ ମହାରାଜା ସମ୍ମାନ ଦେଉଥିଲେ । କେବଳ ରାଜ୍ୟର ଆର୍ଥିକ ସୀମା ହେତୁ, କେତେକ ସମୟରେ ଗୋପବନ୍ଧୁଙ୍କର ମତକୁ ସମ୍ପୂର୍ଣ୍ଣରୂପେ ଗ୍ରହଣ କରିବା ମହାରାଜାଙ୍କ ପକ୍ଷରେ ସମ୍ଭବ ହେଉ ନ ଥିଲା । ମାତ୍ର ଗୋପବନ୍ଧୁଙ୍କ ଭାଇସ୍ ଚେୟାର୍‌ମାନ କାର୍ଯ୍ୟକାଳ ମଧ୍ୟରେ ବାରିପଦା ସହରର ଯେ ଉନ୍ନତି ଘଟିଥିଲା, ଏହା ଲକ୍ଷ୍ୟକରି ମହାରାଜା ପରମ ସନ୍ତୋଷ ଲାଭ କରିଥିଲେ ।

—*—

ବାରିପଦା ଅନାଥାଶ୍ରମ ଓ ଗୋପବନ୍ଧୁ

ସେଦିନ ଥିଲା ମଙ୍ଗଳବାର । ପୌଷମାସ ଶୀତର ଏକ ନରମ ଅପରାହ୍ଣ । ବାରିପଦା ମୁନିସିପାଲିଟିର ଭାଇସ୍ ଚେୟାରମ୍ୟାନ ଗୋପବନ୍ଧୁ ବାବୁ ମୁନିସିପାଲିଟି ଅଫିସରୁ ଫେରି ନିଜ ବସାର ଖୋଲା ବାରଣ୍ଡାରେ ସପଖଣ୍ଡେ ପକାଇ ଦେଇ ଖଡ଼ପିଠିଆ ହୋଇ ବସି-ଅଛନ୍ତି । ଟସର ଚଦରଟି ସପର ଟିକିଏ ଦୂରକୁ ଫିଙ୍ଗିହୋଇ ପଡ଼ିଛି । ସ୍କୁଲର ହଷ୍ଟେଲର ପିଲାମାନେ ସମ୍ମୁଖ ପଡ଼ିଆରେ ଦଉଡ଼ିଆ ଖଟମାନ ପକାଇ ଓ ତହିଁ ଉପରେ ବସି ମଧୁସୂଦନ୍‌ରାଓଙ୍କର "ଅଖିଳବ୍ରହ୍ମାଣ୍ଡ ପତି ମୋ' ଜୀବନ ସ୍ୱାମୀ" ମୁଖସ୍ଥ କରିବାରେ ବ୍ୟସ୍ତ । ମଝିରେ ମଝିରେ ହଷ୍ଟେଲ ପାଖେଇ ଘରର ଢୋକଣୀ ଓ ଅଇଁଠା ରହୁଥିବା ସ୍ଥାନଟି କୁକୁରମାନଙ୍କ ଭୋ ଭୋ ଶବ୍ଦରେ ଶବ୍ଦାୟିତ ହେଉଛି । ଶୀତୁଆ ପବନ ରହି ରହି ବୋହିବାକୁ ଉପକ୍ରମ କଲାଣି । ମନେ ହେଉଛି, ଗୋପବନ୍ଧୁ ବାବୁ ଏକ ଚିନ୍ତାମୂଳକ ବିଷୟ ଲେଖିବାରେ ବ୍ୟସ୍ତ । ନିକଟରେ ମେଲା

Digitized by srujan ka@gmail.com

ହୋଇଥିବା ଫାଇଲ୍‌ର କାଗଜପତ୍ର ଉଡ଼ ଯାଉଥିବାରୁ ସେ ଏକରକମର ଦଉଡ଼ ଦଉଡ଼ କାଗଜ ଏକତ୍ର କରିବାରେ ବ୍ୟସ୍ତ ରହି ନଜବେ କେବେ କେମିତି ବିରକ୍ତ ଅନୁଭବ କରୁଅଛନ୍ତି । ଏହି ସମୟରେ ହଠାତ୍ ଗୋଟିଏ ରୁଗ୍‌ଣ ବାଳକର ଆର୍ତ୍ତ ଚିତ୍କାର ଶୁଣି ସେ ଚମକ ପଡ଼ିଲେ । ଦେଖିଲେ, ବାଳକଟି ଶୀତରେ ଯେତିକ ନ ଥରୁଛି ତାଠାରୁ ଅନେକ ଗୁଣ ଅଧିକ ଥରୁଛି ଭୟରେ । ଅଳ୍ପ କେତେ ମିନଟ୍ ପରେ ଜଣେ ପେଟୁଆ ଲୋକ ହାତେ ଲମ୍ବର ଗୋଟାଏ ବେତ ଧରି ସେଠାରେ ଉପସ୍ଥିତ ହେବାରୁ ଗୋପବନ୍ଧୁ ବାବୁ ସପରୁ ଉଠି ଛିଡ଼ା ହୋଇ ପଡ଼ିଲେ । ପିଲାଟିକୁ ଦଉଡ଼ାଇବାର କାରଣ ଓ ପିଟିବାର ଅଭିପ୍ରାୟ ପଚାରିବାରୁ ପେଟୁଆ ଲୋକ ଖୁବ୍ ଜୋର୍‌ରେ କଣଗୁଡ଼ାଏ କହି ପକାଉଥାଏ । ବାସ୍ତବିକ ସେ ଲୋକଟି ଖୁବ୍ ରାଗିଯାଇଥିଲା ଓ ପିଲାଟି ତା ନିକଟରୁ ଟଙ୍କାଟିଏ ଚୋରି କରି ନେଇ ଆସିଛି ବୋଲି ତା' କଥାବାର୍ତ୍ତାରୁ ଜଣାଗଲା । ଗୋପବନ୍ଧୁ ବାବୁ ସେ ପେଟୁଆ ଲୋକକୁ କଣ ବୁଝାଇବାରେ ଲାଗିଲେ ଓ ଅଳ୍ପ ସମୟ ପରେ ଘର ଭିତରୁ ଟଙ୍କାଟିଏ ଆଣି ତାକୁ ଦେଇ ସେଠାରୁ ବିଦାୟ କଲେ । ତଥାପି ବାଳକଟି ଭୟରେ ଥରୁଥାଏ । ଜଙ୍ଗିତ ଦେବାରୁ ବାଳକଟି ଆଶ୍ୱସ୍ତ ଅନୁଭବ କଲା ଏବଂ ଗୋପବନ୍ଧୁଙ୍କ ନିକଟକୁ ଆସିଲା । ନାମ, ଘର ଓ ବାପାଙ୍କର ନାମ ତିନି ଥର ପଚାରିଲା ପରେ ପିଲାଟି ଅଟକିଇ ଅଟକିଇ କହିଲା "ମୋର୍ ନାମ୍ ରୁଇଦା, ଘର୍ ବାମଣଘାଟୀ, ବାଆ ମାଆ ମୋର ନାଇ ନି ।" ସେ ମୋଟା ଲୋକଟି କିଏ ? ତା ପାଖରେ ତୁ କଣ କାମ କରୁଥିଲୁ ।" ଗୋପବନ୍ଧୁ ପ୍ରଶ୍ନ କଲେ ।

Digitized by srujan ka@gmail.com

ମୁଠା ନୁକ୍‌ଶା ବଜାର୍ ପାଖର୍ ହୁଟେଲ୍‌ର ବାବୁ, ମୁଇଁ ତା'ର ପାଖ୍‌ରେ ଦିନସାରା ସାଙ୍ଗସଞ୍ଜ କାମ୍ କରୁଥିଲି । ତିନ୍‌ମାସ୍ ହେଲା ମୋତେ ଦୁଇଟା ଦୁଇଟା ଖାଇ ଖାଇବାକୁ ଦିଏ । ପଇସା ଗୁଟେ ବି ଦିଏନା । କାଲ୍ ମୋତେ ବେତ ପିଟିଲା । ସେଇଥିପାଇଁ ମୁଇ ଦୁଇପହରରେ ସେ ଶୁଇଲାବେଳେ ଗୁଟେ ଟଙ୍କା ଧରି ପଳେଇ ଆସୁଥିଲି ।" ବାଳକଟି ଗୋଟିଏ ନିଶ୍ୱାସରେ କହି ପକାଇଲା ।

"ଆଚ୍ଛା, ତୋର ଘରବାଡ଼ି ଓ ବନ୍ଧୁ ବାନ୍ଧବ କେହି ନାହାନ୍ତି କି ?" ଜିଜ୍ଞାସୁ ହୋଇ ଗୋପବନ୍ଧୁ ପଚାରିଲେ ।

"ସବୁ କିଛି ଥିଲା ବାବୁ । ମୋର ବାଆ ଥିଲାବେଳେ ବାମନ୍‌ଘାଟି ବଜାର୍ ଧିବା ଥିଲା । ବାରିପଦା ବଜାର୍ ନୁଗା ବି ଥରେ ସିଏ କାଟିଛି । କି କହିବି ବାବୁ, ମୋତେ ୯ ବର୍ଷବେଳେ ସିଏ ରୋଗରେ ମରିଗଲା । ଆଉ ମୋର୍ ମାଆ ମୋତେ ଦିନେ ଛାଡ଼ି ଦେଇକରି ଆଉ କାହାର ସଙ୍ଗେ କେମିତି ହୋଇ ପଳେଇଲା—" ବାଳକଟିର ଅସହାୟ ବିଷୟ ଶ୍ରବଣ କରି ଗୋପବନ୍ଧୁ ମନେ ମନେ ବଡ଼ ଦୁଃଖିତ ହେଲେ ।

ଗଡ଼ଜାତ ଅଞ୍ଚଳର ଅଧିକାଂଶ ଲୋକ ସେତେବେଳେ କିପରି ଅନ୍ଧ କୁସଂସ୍କାର ଓ ରକ୍ଷଣଶୀଳ ସ୍ୱାର୍ଥାନ୍ୱେଷୀ ଧର୍ମ ଭିତରେ ବୁଡ଼ି ରହି ଅତ୍ୟାଚାରୀମାନଙ୍କଦ୍ୱାରା ହଇରାଣ ହେଉଥିଲେ, ତାହା ସେ ବେଶ୍ ଅନୁଭବ କରି ପାରିଥିଲେ । ବହୁ ଗଡ଼ଜାତ ସେତିକିବେଳେ ସେ ଅଞ୍ଚଳର ଶାସକ ଗୋଷ୍ଠୀଙ୍କଦ୍ୱାରା ଅତ୍ୟାଚାରିତ ହୋଇ ଦୁଃଖ ଅନୁଭବ କରୁଥିବାବେଳେ ମୟୂରଭଞ୍ଜର ଅବସ୍ଥା ସେପରି ନ ଥିଲା । ପୁଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ପ୍ରଜାଙ୍କର ଉନ୍ନତି ନିମିତ୍ତ ମନପ୍ରାଣ ଦେବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାର ଲୋକହିତକର କାମ କରି ତୃପ୍ତିଲାଭ କରୁଥିଲେ ।

Digitized by srujan ka@gmail.com

"ବୁଢ଼ାପରେ କେତେ କେତେ ପିଲା ଏହିପରି ନିଃସହାୟ ଅବସ୍ଥାରେ ରାସ୍ତାଘାଟରେ ପଡ଼ି ମରୁଥିବେ । କିଏ ବା ହିସାବ ରଖିଛି ତା'ର ।" ଗୋପବନ୍ଧୁ ଏକ ଅନାଥାଶ୍ରମର କଳ୍ପନା କଲେ । ପ୍ରଜାବତ୍ସଳ ମହାରାଜାଙ୍କର ପ୍ରେରଣା, ବାରିପଦା ଅଧିବାସୀମାନଙ୍କର ସହଯୋଗ ଏବଂ ଗୋପବନ୍ଧୁଙ୍କର ଆପ୍ରାଣ ଉଦ୍ୟମ ଫଳରେ ହାଇସ୍କୁଲ ନିକଟରେ ଅନାଥାଶ୍ରମଟିଏ ମୁଣ୍ଡଟେକି ଉଠିଲା । ଉଦ୍ଦେଶ୍ୟ ହେଲା, ଅନାଥାଶ୍ରମରେ ଅନାଥ ପିଲାମାନେ ବାସ କରିବେ ଏବଂ ସେମାନଙ୍କୁ ବିନା ଅର୍ଥରେ ପଢ଼ାଯିବ । ବନ୍ଧପତ୍ର ଯୋଗାଇବା ବ୍ୟତୀତ, ବିନା ଖର୍ଚ୍ଚରେ ସେମାନଙ୍କର ରହଣିର ବ୍ୟବସ୍ଥା କରାଯିବ । ଅନାଥ ପିଲାମାନେ ଶିକ୍ଷାଲାଭ କରିବେ—ଜୀବନସଂଘର୍ଷର ସମ୍ମୁଖୀନ ହୋଇ ଅନାଥାଶ୍ରମରୁ ମୁକ୍ତି ଲଭିବେ । ବହୁ ଅଭାବ ଅସୁବିଧାର ସମ୍ମୁଖୀନ ହୋଇ ଗୋପବନ୍ଧୁ ନିଜେ ଜୀବନସଂଘର୍ଷର ସମ୍ମୁଖୀନ ହୋଇଥିଲେ—ବାହାର ଦୁନିଆରେ ତାଙ୍କର କର୍ମମୟ ଗୃହ ଜୀବନକାଳ ମଧ୍ୟରେ ଶତ ଶତ ଅଭାବ ଅନାଟନଗ୍ରସ୍ତ ଦୁଃଖୀ ଦରିଦ୍ର ଓଡ଼ିଆ 'ଗୃହଙ୍କ ପରିସ୍ଥିତି ବି ଅନୁଭବ କରିଥିଲେ ଏବଂ ସେ ପରିସ୍ଥିତିକୁ ସୁଧାରିବା ପାଇଁ ସାରା ଜୀବନ ସାଧନା କରି ସାରିଥିଲେ । ବାରିପଦାରେ ଅନାଥାଶ୍ରମର ସ୍ଥାପନ, ତାଙ୍କର ଦରିଦ୍ର ବନ୍ଧୁ ଗୋପବନ୍ଧୁ ନାମର ଗୋଟିଏ ସଙ୍କେତ ମାତ୍ର ।

ଗୋପବନ୍ଧୁ ଓ ମହାରାଜା ଶ୍ରୀରାମଚନ୍ଦ୍ର

୧୯୧୧ ମସିହା ଜୁନ୍‌ମାସ— ରୌଦ୍ରର ପ୍ରକୋପ ଭୟଙ୍କର। ରାଜକାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ ସମ୍ପନ୍ନ ହେବ। ଏଠା ସମୟ ଅସମୟ ମାନେନା। ଗୋଟିଏ ଅପରାହ୍ଣ ନିର୍ଦ୍ଦିଷ୍ଟ ହୋଇଛି ମୁନିସିପାଲିଟିର ଭାଇସ୍‌ଚେୟାର୍‌ମ୍ୟାନ ନିର୍ବାଚନ କରିବା ଲାଗି। ଭାଇସ୍ ଚେୟାର୍‌ମ୍ୟାନ୍ ଥିଲେ ଶ୍ରୀ ଏନ୍. ସି. ଘୋଷ। ଚେୟାର୍‌ମ୍ୟାନ୍ ଲାଲ୍ ସାହେବ ହରିଶ୍ଚନ୍ଦ୍ର ଭଞ୍ଜଦେଓଙ୍କ ଅସୁସ୍ଥତା ହେତୁ ଭାଇସ୍ ଚେୟାର୍‌ମ୍ୟାନ୍ କିଛୁଦିନ ଚେୟାର୍‌ମ୍ୟାନ୍ କାର୍ଯ୍ୟ ଚଳାଇଥିଲେ। ଏବେ ସେ ବିଦାୟ ନେଇଛନ୍ତି—ଜଣେ ଭାଇସ୍ ଚେୟାର୍‌ମ୍ୟାନ୍ ନିର୍ବାଚିତ ନ ହେଲେ ମୁନିସିପାଲିଟିର କାର୍ଯ୍ୟ ସୁଷ୍ଠୁ ରୂପେ ନିର୍ବାହିତ ହୋଇପାରିବ ନାହିଁ। ରାଜପ୍ରାସାଦର ଏକ ପ୍ରକୋଷ୍ଠରେ ସଭା ଆୟୋଜିତ ହୋଇଛି—ସଭାରେ ସଭାପତିତ୍ୱ କରୁଛନ୍ତି ସ୍ୱୟଂ ମହାରାଜା ଶ୍ରୀରାମଚନ୍ଦ୍ର। ଭାଇସ୍ ଚେୟାର୍‌ମ୍ୟାନ ପଦ ପାଇଁ ନାମର ପ୍ରସ୍ତାବ କରାଗଲା। ଚେୟାର୍‌ମ୍ୟାନ୍ ଲାଲସାହେବ, ଦୁଇ ଜଣ ବେସରକାରୀ ସଭ୍ୟଙ୍କ ନାମ ପ୍ରସ୍ତାବ କରି ସାରିଲେଣି। ମାତ୍ର ତନ୍ମଧ୍ୟରୁ କୌଣସିଟି ସେପରି ମହାରାଜାଙ୍କର ଗ୍ରହଣୀୟ ହେଉନାହିଁ। ସଭାରେ ମଧ୍ୟ ଉପସ୍ଥିତ ଥାନ୍ତି ଗୋପବନ୍ଧୁ ଦାସ—ମୟୂରଭଞ୍ଜର ସରକାରୀ ଓକିଲ ଏବଂ ମୁନିସିପାଲିଟିର ଅନ୍ୟତମ ସଭ୍ୟ। ମହାରାଜା ଶ୍ରୀରାମଚନ୍ଦ୍ର ନୀରବ ଗୋପବନ୍ଧୁଙ୍କୁ ଇଙ୍ଗିତ ଦେଲେ—ଗୋପବନ୍ଧୁ ମହାରାଜାଙ୍କର ମନୋଭାବ ବୁଝିପାରିଲେ। ମହାରାଜାଙ୍କୁ କହିଲେ, "କ୍ଷମା କରିବେ

Digitized by srujan ka@gmail.com

ମହାରାଜା ସାହେବ ! ଏତ ବଡ଼ ଗୁରୁଦାୟିତ୍ୱ ?" "ଆପଣ ହିଁ ଏକମାତ୍ର ବ୍ୟକ୍ତି ଯେ କି ନିର୍ବାହ କରି ପାରିବେ"—ମହାରାଜା ଉତ୍ତର ଦେଲେ । ଶେଷରେ ମହାରାଜାଙ୍କ ଅନୁରୋଧକ୍ରମେ ଗୋପବନ୍ଧୁ ଦାସଙ୍କ ନାମ ଯଥାରୀତି ପ୍ରସ୍ତାବିତ ଓ ସମର୍ଥିତ ହେଲା ଏବଂ ସେ ବାରିପଦା ମ୍ୟୁନିସିପାଲିଟିର ଭାଇସ୍ ଚେୟାରମ୍ୟାନ ପଦରେ ନିର୍ବାଚିତ ହେଲେ ।

ଏଇ ଥିଲା ଗୋପବନ୍ଧୁଙ୍କ ସହିତ ମହାରାଜା ଶ୍ରୀରାମଚନ୍ଦ୍ରଙ୍କର ସମ୍ପର୍କ । ଗୋପବନ୍ଧୁଙ୍କର ବଳିଷ୍ଠ ବ୍ୟକ୍ତିତ୍ୱର ପରିଚୟ ପାଇ ମହାରାଜା ତାଙ୍କୁ ମୟୂରଭଞ୍ଜର ସରକାରୀ ଓକିଲ ପଦରେ ନିଯୁକ୍ତ କରିଥିଲେ । ସେ ଜାଣିଥିଲେ, ଗୋପବନ୍ଧୁ ଦାସ ଜଣେ ନିର୍ଭୀକ ବ୍ୟକ୍ତି । ମିଥ୍ୟା ମକଦ୍ଦମାର ସେ ପକ୍ଷପାତୀ ନୁହନ୍ତି; ତଥାପି ମହାରାଜା ଶ୍ରୀରାମଚନ୍ଦ୍ର ଗୋପବନ୍ଧୁଙ୍କୁ ସରକାରୀ ଓକିଲ ଭାବରେ ନିଯୁକ୍ତ କରିଥିଲେ । ସରକାରୀ ଓକିଲ ହିସାବରେ ମିଥ୍ୟାର ଆଶ୍ରୟ ନେଇ ଗୋପବନ୍ଧୁ ସରକାରଙ୍କୁ ଜିତାଇବେ ନାହିଁ, ଏହା ମହାରାଜା ଉତ୍ତମ ରୂପେ ଉପଲବ୍ଧି କରିଥିଲେ । ତଥାପି ଗୋପବନ୍ଧୁଙ୍କର ମହନୀୟ ଆଦର୍ଶ ପ୍ରଜାପାଳକ ରାମଚନ୍ଦ୍ରଙ୍କୁ ଯଥେଷ୍ଟ ପ୍ରେରଣା ଦେଇଥିଲା । ଗୋପବନ୍ଧୁଙ୍କୁ ମହାରାଜା ରାମଚନ୍ଦ୍ର କେବଳ ଜଣେ କର୍ମଚାରୀ ହିସାବରେ ପାଇ ନ ଥିଲେ—ସେ ପାଇଥିଲେ ଜଣେ ପରମ ହିତାକାଙ୍କ୍ଷୀ ଏବଂ ଘନିଷ୍ଠ ବନ୍ଧୁ ରୂପେ ।

ଗୋପବନ୍ଧୁଙ୍କର ମିଷ୍ଟାଳାପ ମହାରାଜାଙ୍କୁ ଅଶେଷ ତୃପ୍ତି ଦେଉଥିଲା । ଷ୍ଟେଟ୍ କାଉନ୍ସିଲର ବଜେଟ ସଭାରେ ଗୋପବନ୍ଧୁ ଦାସ ରାଜ୍ୟରେ ଶିକ୍ଷାର ପ୍ରସାର ପାଇଁ ବହୁତ କହିଥିଲେ । ସ୍କୁଲ୍ ଯିବା ବୟସରେ ଉପନୀତ ହୋଇଥିବା ୫୦୦ ଛାତ୍ରଙ୍କୁ ବିନା ଦରମାରେ ସ୍କୁଲରେ ପଢ଼ିବାର ସୁଯୋଗ ଦିଆଯାଉ ବୋଲି ଗୋପବନ୍ଧୁ

Digitized by srujan ka@gmail.com

କହିଥିଲେ । ଗୋପବନ୍ଧୁଙ୍କର ଶିକ୍ଷା ପ୍ରତି ଏହି ଆବେଗ ଦେଖି ମହାରାଜା କହିଥିଲେ "ଗୋପବାବୁ, ଆପଣ କେବଳ ରାଜ୍ୟର ଶିକ୍ଷାପାଇଁ ଉତ୍କଣ୍ଠିତ କରୁଛନ୍ତି । ମାତ୍ର ମୋର ଦୃଷ୍ଟି ତ ସବୁପାଇଁ । ଗୋପବନ୍ଧୁ ଦାସ ମହାରାଜାଙ୍କର ଦୃଷ୍ଟିଭଙ୍ଗୀର ପରିଚୟ ଲାଭ କରିଥିଲେ । ତେଣୁ ମହାରାଜାଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଓ ଭକ୍ତି ଥିଲା ।

ସରକାରୀ ଉତ୍କଳ ହିସାବରେ ଦାୟିତ୍ୱ ଗ୍ରହଣ କରିବାର ପ୍ରାୟ ପାଞ୍ଚ ମାସ ପରେ ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କର ପୃଥିବୀ ଭ୍ରମଣର ପ୍ରସ୍ତାବ ହେଲା । କେତେକ ବ୍ୟକ୍ତି ତାଙ୍କୁ ଏହି ଭ୍ରମଣରେ ଯିବା ପାଇଁ ବାରଣ କଲେ । ମାତ୍ର ଏହାର ପ୍ରଥମ ଉତ୍ସାହଦାତା ଥିଲେ ଗୋପବନ୍ଧୁ । ମହାରାଜାଙ୍କର ପୃଥିବୀ ଭ୍ରମଣ ପୂର୍ବରୁ ତାଙ୍କୁ ସମ୍ବର୍ଦ୍ଧନା ଦେବା ଲାଗି ଯେଉଁ ବିରାଟ ସଭାର ଆୟୋଜନ ହୋଇଥିଲା, ସେଥିରେ ଗୋପବନ୍ଧୁଙ୍କ ସ୍ୱରଚିତ ଏକ ସଙ୍ଗୀତ ଗାନ କରିଥିଲେ ଦୁଇ ଜଣ ବାଳକ । ଏହି ସଙ୍ଗୀତ ଉପସ୍ଥିତ ଜନତାକୁ ଏପରି ପ୍ରଭାବିତ କରିଥିଲା ଯେ, ପ୍ରତ୍ୟେକଙ୍କ ନୟନ ଅଶ୍ରୁପ୍ଳୁତ ହୋଇ ଉଠିଥିଲା । ରାମଚନ୍ଦ୍ର ଭଞ୍ଜ ପୃଥିବୀ ଭ୍ରମଣରୁ ଫେରିଆସିଲେ । ତାଙ୍କୁ ସ୍ୱାଗତ କରିବାକୁ ଗୋପବନ୍ଧୁ ଯାଇଥିଲେ କଲିକତା । ପୁଣି ତାଙ୍କୁ ସ୍ୱାଗତ କରିଥିଲେ ଗୋପବନ୍ଧୁ ବାରିପଦା ସହରରେ ବିପୁଳ ଜନସମାଗମ ମଧ୍ୟରେ । ଏତିକରେ ଗୋପବନ୍ଧୁଙ୍କର ସ୍ୱାଗତ ସମ୍ବର୍ଦ୍ଧନାର ଶେଷ ହେଲା ନାହିଁ । ଆହୁରି ଥରେ ସେ ମହାରାଜାଙ୍କୁ ଷ୍ଟେଟ୍ କାଉନ୍‌ସିଲ ସଭାରେ ସମ୍ବର୍ଦ୍ଧନା ଜଣାଇଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ଗୋପବନ୍ଧୁଙ୍କୁ କୃତଜ୍ଞତା ଜଣାଇବା ଅବକାଶରେ ମହାରାଜା ସେତେବେଳେ ପ୍ରକାଶ କରିଥିଲେ ଯେ, ତାଙ୍କ ଭ୍ରମଣରେ ରାଜ୍ୟ ରାଜକୋଷରୁ

Digitized by srujan ka@gmail.com

ଅର୍ଥ ବ୍ୟୟିତ ହୋଇଗଲା । ସେତେବେଳେ ନର୍ଥ୍କ ଭାବରେ ନିଜର ସ୍ୱାଧୀନ ମତ ଦେଇ ଗୋପବନ୍ଧୁ କହିଥିଲେ ଯେ ରାଜ୍ୟଅର୍ଥର ଉପଯୁକ୍ତ ବିନିଯୋଗ ହୋଇଅଛି । ମହାରାଜା ଶ୍ରୀରାମଚନ୍ଦ୍ରଙ୍କର ଶାସନ ଗୋପବନ୍ଧୁଙ୍କୁ ଏପରି ପ୍ରଭାବିତ କରିଥିଲା ଯେ, ଗୋପବନ୍ଧୁ ଅନେକ ସମୟରେ ବାମଣ୍ଡାକୁ ବରୋଦା ସହିତ ତୁଳନା କରୁଥିଲେ ।

ବାମଣ୍ଡା ଫେରିଆସି ମହାରାଜା ଶ୍ରୀରାମଚନ୍ଦ୍ର ଗୋପବନ୍ଧୁଙ୍କୁ ପ୍ରଶ୍ନ କଲେ, "ଗୋପବାବୁ, ରାଜ୍ୟ କେମିତି ଚାଲିଛି ?" "ଖୁବ୍ ଭଲ ଚାଲିଛି ଆଜ୍ଞା" ଗୋପବନ୍ଧୁ ସଙ୍ଗେ ସଙ୍ଗେ ଉତ୍ତର ଦେଲେ । "ଅର୍ଥାତ୍ ?" ମହାରାଜା ପ୍ରଶ୍ନ କଲେ । "ମହାରାଜା ମୋତେ ବୁଝିପାରିଲେ ନାହିଁ ବୋଧହୁଏ । ବୁଝାଇ ଦେଉଛି । ଏ ରାଜ୍ୟର ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ, ଏର୍. ପି. କଡ଼ଲେ, ଦେଓ୍ୱାନ୍-ସାହେବ ମୋହିନୀ ମୋହନ ଧର, ଚିଫ୍ ଇଞ୍ଜିନିୟରଙ୍କର ଜେ. ଏ. ମାର୍ଟିନ୍ ସାହେବ ଆଉ ମୁଁ ଯେ ହେଲି ସରକାଶ ଓଲିଲ ।" ଉତ୍ତର ଦେଲେ ଗୋପବନ୍ଧୁ । ମହାରାଜା କହିଲେ, "ଏଥିରେ ତ ମୋର ଉତ୍ତର ମିଳିଲା ନାହିଁ ?" "ଶୁଣନ୍ତୁ, ଆହୁରି ପ୍ରାଞ୍ଜଳ କରି ଦେଉଛି—ଜଣେ ଖ୍ରୀଷ୍ଟ, ଜଣେ କାଲ, ଜଣଙ୍କର ଦୃଷ୍ଟିଶକ୍ତି କମ୍—ଆଉ ମୁଁ ? ମୋ କଥା ଛାଡ଼ନ୍ତୁ—ମୁଁ ଆପଣଙ୍କର ସରକାଶ ଓକିଲ । କଥା କହିବାବେଳେ ମୋର ତୁଣ୍ଡ ଲାଗେ । ଆଉ ଏଇ ଚାରି ଜଣଙ୍କ ଉପରେ ଆପଣଙ୍କ ରାଜ୍ୟ ଶାସନର ଦାୟିତ୍ୱ । ଏଥିରେ ଶାସନ ଭଲ ଚାଲିବ ନାହିଁ ?" ଗମ୍ଭୀର ଭାବରେ ଉତ୍ତର ଦେଲେ ଗୋପବନ୍ଧୁ । ମହାରାଜା ଶ୍ରୀରାମଚନ୍ଦ୍ର ହାସ୍ୟ ସମ୍ବରଣ କରି ରହିପାରିଲେ ନାହିଁ । ଏଇ ଭଳି ମଧୁର ସମ୍ପର୍କ ଥିଲା ଦୁହିଁଙ୍କ ମଧ୍ୟରେ । ଅଭେଦ ପ୍ରୀତି—ମହାରାଜା ରାମଚନ୍ଦ୍ର ଗୋପବନ୍ଧୁଙ୍କୁ

Digitized by srujan ka@gmail.com

ଯେତିକ ଶ୍ରଦ୍ଧା କରୁଥିଲେ ଗୋପବନ୍ଧୁ ସେତିକ ସମ୍ମାନ ଦେଖାଉଥିଲେ ମହାରାଜାଙ୍କୁ । ମାତ୍ର ଉଭୟଙ୍କର ଏ ମିଳନ ଅଧିକ ଦିନ ସମ୍ଭବ ହେଲା ନାହିଁ । ୧୯୧୨ ମସିହା ଫେବୃୟାରୀ ୧୨ ତାରିଖରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ସ୍ୱର୍ଗପ୍ରୟାଣ କଲେ । ଏହା ପରେ ଗୋପବନ୍ଧୁ ମୟୂରଭଞ୍ଜରେ ରହିପାରିଲେ ନାହିଁ । ସେ ତ ସରକାରୀ ଓକିଲ ହିସାବରେ କାର୍ଯ୍ୟ କରିବାକୁ ମୟୂରଭଞ୍ଜ ଯାଇ ନ ଥିଲେ, ସେ ଯାଇଥିଲେ ମହାରାଜା ରାମଚନ୍ଦ୍ର ଭଞ୍ଜଙ୍କର ସ୍ନେହ ଶ୍ରଦ୍ଧା ଓ ସୌଜନ୍ୟ ଯୋଗେ । ରାମଚନ୍ଦ୍ରଙ୍କର ଜୀବନ-ଦୀପ ନିର୍ବାପିତ ହେବା ସଙ୍ଗେ ସଙ୍ଗେ ମୟୂରଭଞ୍ଜ ପ୍ରତି ଗୋପବନ୍ଧୁଙ୍କର ଆକର୍ଷଣର ଅବସାନ ହେଲା । ଗୋପବନ୍ଧୁ ବାରିପଦାରୁ ବିଦାୟ ନେଲେ ।

—*—

ବାରିପଦାରେ ଗୋପବନ୍ଧୁଙ୍କର ବ୍ୟକ୍ତିତ୍ୱ

୧୯୧୧ ମସିହା । ଜୁନ୍ ମାସର ଏକ ମଧ୍ୟାହ୍ନ । ଭୋଜନ ଶେଷ କରି ଗୋପବନ୍ଧୁ ନିଜର କର୍ତ୍ତବ୍ୟ ଚିନ୍ତାରେ ମଗ୍ନ । ବାରିପଦା ପଥଗୁଡ଼ିକରେ ଜନଗହଳି କମି ଆସିଛି । ସୂର୍ଯ୍ୟଙ୍କର ପ୍ରଖର ତାପରେ ବାରିପଦାବାସୀ ନିଜ ନିଜ ଗୃହ ମଧ୍ୟରେ ଆଶ୍ରୟ ନେଉଛନ୍ତି ।

ଏହି ସମୟରେ ବାହାର ଦୁଆରରେ ଶବ୍ଦ ହେଲା । ଗୋପବନ୍ଧୁ ଦୁଆର ଖୋଲି ଦେଖିଲେ ପଣ୍ଡିତ ଶ୍ରୀଧର ଶତପଥୀ । ପଣ୍ଡିତଙ୍କ ପ୍ରତି ଗୋପବନ୍ଧୁଙ୍କର ଯଥେଷ୍ଟ ଶ୍ରଦ୍ଧା ସମ୍ମାନ ।

Digitized by srujan ka@gmail.com

ଗୋପବନ୍ଧୁ ପ୍ରଶ୍ନ କଲେ, "ଏ ଅସମୟରେ କାହିଁକି ?" ଶ୍ରୀଧର ଶତପଥୀ ଗୋପବନ୍ଧୁଙ୍କର ସମବେଦନା ବୁଝିପାରିଲେ । ସେ ହଠାତ୍ କହି ପକାଇଲେ, "ପାରିଲି ନାହିଁ । ବହୁ ଚେଷ୍ଟା କରି ମଧ୍ୟ ଚାକିରିରେ ଉନ୍ନତି ହେଉନାହିଁ ।" ପଣ୍ଡିତ ମହାଶୟ ବାଲେଶ୍ୱର ଜିଲ୍ଲାରୁ ଆସିଥାନ୍ତି । ଇଂରେଜ ସରକାରଙ୍କର ଚାକିରିଆ । ସଙ୍ଗେ ସଙ୍ଗେ ଗୋପବନ୍ଧୁ ଦାସ କହିଲେ, "ତାପଙ୍ଗ ମେଲାଣି ବୃତ୍ତରେ ଗୀତଟିଏ ଗାଇଦେଲେ ନାହିଁ ?" ଶତପଥୀ ରହିଛନ୍ତି ଆଶ୍ଚର୍ଯ୍ୟ ହୋଇ, କିଛି ବୁଝି ପାରୁନାହାନ୍ତି । ଗୋପବନ୍ଧୁ ଦାସ କହିଲେ, "ଓ ? ତାପଙ୍ଗ ମେଲାଣି ବୃତ୍ତ ବୁଝି ପାରିଲେ ନାହିଁ ବୋଧହୁଏ । ତାହାହେଲେ ଆପଣ ଇଂରେଜ ସରକାରରେ ଚାକିରି କରିବେ କିପରି ? ଶୁଣନ୍ତୁ, ସଂକ୍ଷେପରେ କହୁଛି ସେ କଥା" । ତାପରେ ଗୋପବନ୍ଧୁ ଗୋଟିଏ କାହାଣୀ କହିଲେ । ତାପଙ୍ଗରେ ଜଣେ ଶିକ୍ଷକ ଥିଲେ । ସବ୍ଇନସ୍ପେକ୍ଟରଙ୍କ ପ୍ରତିଥର ସ୍କୁଲ ପରିଦର୍ଶନ ବେଳେ ସେ ତାଙ୍କୁ ଭୋଜନ ପେୟରେ ସନ୍ତୁଷ୍ଟ କରି ରଖିଥିଲେ । ଥରେ ଶିକ୍ଷକ ଅଭାବରେ ପଡ଼ି ସବ୍-ଇନସ୍ପେକ୍ଟରଙ୍କର ଚର୍ଚ୍ଚା କରିପାରିଲେ ନାହିଁ । ତହୁଁ ସବ୍ଇନସ୍ପେକ୍ଟର ବାବୁ ଅତ୍ୟନ୍ତ କ୍ରୁଦ୍ଧ ହୋଇଗଲେ ଏବଂ ବିଚରା ଶିକ୍ଷକଙ୍କୁ ତାପଙ୍ଗରୁ ଦୂରକୁ ବଦଳି କରିଦେଲେ । ଏହା ଫଳରେ ପରେ ଶିକ୍ଷକ ବିଚରାଙ୍କର ବହୁ ଅସୁବିଧା ହେଲା । ନିଜ ଗ୍ରାମଠାରୁ ନୂତନ ସ୍କୁଲ ପ୍ରାୟ ୮ ମାଇଲ୍ ରାସ୍ତା । ପ୍ରତିଦିନ ନିଜ ଗାଁଆରୁ ୧୬ ମାଇଲ ଯିବାଆସିବା କରି ଶିକ୍ଷକ ଅତ୍ୟନ୍ତ ଅଧୀର ହୋଇପଡ଼ିଲେ । ପୁଣି ଥରେ ପାଳିପଡ଼ିଲା । ନୂତନ ସ୍କୁଲ ପରିଦର୍ଶନ କରିବାକୁ ସବ୍ଇନସ୍ପେକ୍ଟର ବାବୁ ଆସିଲେ । ସେଠାରେ ତାଙ୍କର ସମସ୍ତ ଖାଦ୍ୟପେୟର ବନ୍ଦୋବସ୍ତ କରିବା ସଙ୍ଗେ ସଙ୍ଗେ

Digitized by srujan ka@gmail.com

ଶିକ୍ଷକ ମହାଶୟ ଗୋଟିଏ ସଙ୍ଗୀତ ରଚନା କରିଥିଲେ । ସେ ସଙ୍ଗୀତରେ ସବ୍‌ଇନସ୍‌ପେକ୍ଟରଙ୍କର ଭୂୟସୀ ପ୍ରଶଂସା ହୋଇଥିଲା ଏବଂ ତାହାଁରେ ତାପଙ୍ଗ ବଦଳ କରିବାକୁ ପ୍ରାର୍ଥନା ଥିଲା । ଶୁଣନ୍ତୁ ନା, ମୁଁ ସେ ସଙ୍ଗୀତରୁ ପଦେ ଦ'ପଦ ଗାଉଛି । ନିଜର ସ୍ୱଭାବସୁଲଭ ଭଙ୍ଗୀରେ ଗୋପବନ୍ଧୁ ସଙ୍ଗୀତରୁ କିଛି ଅଂଶ ଗାଇଲେ—

"ଦୁଷ୍ଟ ଲୋକଙ୍କୁ ସାକ୍ଷାତ ଯମ
ଦାତାପଣେ କର୍ଣ୍ଣ ନୋହେ ସମ
ଗମ୍ଭୀର ପଣକୁ ଜଳଧି ହାରଇ
ଶୀତଳ ଯେସନେ ସୋମ ହେ, ଦେବ ଦେବ ।
ଜ୍ଞାନ ଗରିମା ଅଟେ ଅପାର
ବିଦ୍ୟାବଳେ ବଶ ତ୍ରିପୁର
ଅଧମ ଜନରେ ନ ହୁଅ ନିଷ୍ଠୁର
ମୋତେ ତାପଙ୍ଗ ବଦଳ କର ହେ, ଦେବ ଦେବ ॥

ଗୀତ ଶେଷରେ ଗୋପବନ୍ଧୁ ପଚାରିଲେ, "କହିଲେ ଶତପଥୀ, ଶିକ୍ଷକଙ୍କର କଣ ହୋଇଥିବ ?" ଶତପଥୀଙ୍କ ମୁହଁରେ ଆନନ୍ଦ ଓ ବିସ୍ମୟ । ଗୋପବନ୍ଧୁ କହିଲେ, "ଆଉ ହୁଅନ୍ତା କଣ ? ଶିକ୍ଷକଙ୍କର ତାପଙ୍ଗ ବଦଳ ହେଲା । ଏଇ ହେଲା 'ତାପଙ୍ଗ ମେଲଣି ବୃତ୍ତ' । ଏଇ ବୃତ୍ତରେ ପଦେ ଦ'ପଦ ଗାଇ ଦେଇଥିଲେ ଆପଣଙ୍କର ପ୍ରମୋସନ୍ ହୋଇ ଯାଇଥାନ୍ତା । ଶୁଣିଲୁ !"

ଏଇ ଭଳି ସ୍ୱଭାବସୁଲଭ ହାସ୍ୟରସିକ ଭଙ୍ଗୀରେ ଗୋପବନ୍ଧୁ କଥୋପକଥନ କରୁଥିଲେ । ମାତ୍ର ଏହାର ଅନ୍ତ-ରାଳରେ 'ଥିଲା ବ୍ୟଙ୍ଗ କଟାକ୍ଷ—ପାଶ୍ଚାତ୍ୟ ଶାସନ ବିରୁଦ୍ଧରେ

Digitized by srujan ka@gmail.com

ତାଙ୍କର ଶାନ୍ତ ପ୍ରକୃତିସ୍ଥ । ଗୋପବନ୍ଧୁ ଅତି ସାଧାରଣ ଲୋକଙ୍କ-ଠାରୁ ଆରମ୍ଭ କରି, ଏହିପରି ନିର୍ଭୀକ ଭାବରେ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ସହ ମଧ୍ୟ କଥୋପକଥନ କରୁଥିଲେ । ଗୋପବନ୍ଧୁଙ୍କର ଏହି ସ୍ୱଭାବ ମହାରାଜାଙ୍କୁ ପରମ ତୃପ୍ତି ଦେଉଥିଲା । ଏଥିରେ ମହାରାଜା ଆଦୌ ଔଦ୍ଧତ୍ୟ ଅନୁଭବ କରୁ ନ ଥିଲେ । ବରଂ ଗୋପବନ୍ଧୁଙ୍କର ଆଦର କରୁଥିଲେ ।

ଗୋପବନ୍ଧୁ ଯେ କି ଲୋକମୁଖରେ ହେଲେ ଦରିଦ୍ରବନ୍ଧୁ ଗୋପବନ୍ଧୁ—ଏବେ ବି ଯୁଗାଧିକମେ ଯେ କି ସେଇ ଦରିଦ୍ରବନ୍ଧୁ ନାମରେ ପରିଚିତ, ତାଙ୍କର ସେଇ ଦରିଦ୍ରବନ୍ଧୁର ବ୍ୟକ୍ତିତ୍ୱ ମଧ୍ୟ ବାରିପଦାରେ ପ୍ରକଟିତ ହୋଇଥିଲା । ସ୍କୁଲ ଛାତ୍ରମାନଙ୍କୁ ନେଇ ଦରିଦ୍ର ନିପୀଡ଼ିତଙ୍କର ସେବା କରିବାଠାରୁ ଆରମ୍ଭ କରି ଷ୍ଟେଟ୍ କାଉନ୍‌ସିଲ ସଭାରେ ସେ ଛାତ୍ରମାନଙ୍କର ପ୍ରାଥମିକ ଶିକ୍ଷାରେ ଦରମା ଛାଡ଼ କରିବା ପ୍ରସ୍ତାବ ଦେଉଥିଲେ । ବାରିପଦା ମ୍ୟୁନିସିପାଲିଟିରେ ଭାଇସ୍ ଚେୟାରମ୍ୟାନ୍ ଭାବରେ ସହରର ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଯଥାରୀତି ଉଦ୍ୟମ କରିଥିଲେ । ଜଳ-ଯୋଗାଣର ବ୍ୟବସ୍ଥା କିପରି ଅଧିକ ସନ୍ତୋଷଜନକ ହୋଇପାରିବ ଏଥିପ୍ରତି ଗୋପବନ୍ଧୁ ସତତ ଜିଜ୍ଞାସୁ ଥିଲେ ।

ଗୋପବନ୍ଧୁଙ୍କର ସାହିତ୍ୟିକ ବ୍ୟକ୍ତିତ୍ୱର ସମ୍ୟକ୍ ବିକାଶ ହୋଇଥିଲା ବାରିପଦାରେ । ସାମୟିକ ରଚନା ଏବଂ ସଭାସମିତିରେ ଯୋଗଦେବା ବ୍ୟତୀତ ସେ ବାରିପଦାରେ ଏକ ସାହିତ୍ୟସଂସଦ ଗଠନ କରିଥିଲେ । ଏହି ସାହିତ୍ୟସଂସଦରେ ସାହିତ୍ୟିକ ଓ ସାହିତ୍ୟ ପ୍ରେମୀମାନଙ୍କୁ ଏକତ୍ର କରି ସାହିତ୍ୟ-ଆଲୋଚନା କରିବା ଥିଲା ଗୋପବନ୍ଧୁଙ୍କର ଆଭିମୁଖ୍ୟ ।

Digitized by srujan ka@gmail.com

ବାରିପଦାରେ ଗୋପବନ୍ଧୁ ଥିଲେ ସରକାରୀ ଓକିଲ । ମାତ୍ର ମିଥ୍ୟା ପ୍ରବଞ୍ଚନାର ଆଶ୍ରୟ ନେଇ ସେ ମକଦ୍ଦମା ସୃଷ୍ଟି କରିବାର ପକ୍ଷପାତି ନ ଥିଲେ । ସେ ଥିଲେ ସ୍ୱାଧୀନଚେତା । ସ୍ୱାଧୀନ ମନର ଭାବନା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ନିକଟରେ ପ୍ରକାଶ କରିବାର ସତ୍‌ସାହସ ତାଙ୍କର ଥିଲା । ଏଥି ନିମିତ୍ତ ମହାରାଜା ଶ୍ରୀରାମଚନ୍ଦ୍ର ଗୋପବନ୍ଧୁଙ୍କୁ ଅଧିକ ଶ୍ରଦ୍ଧା ଓ ସମ୍ମାନ ଦେଖାଉଥିଲେ ।

ବସ୍ତୁତଃ ପ୍ରାୟ ଛବିଶି ମାସ କାଳର ସଂକ୍ଷିପ୍ତ ପରିସର ମଧ୍ୟରେ ଗୋପବନ୍ଧୁଙ୍କର ପ୍ରସାରିତ ବ୍ୟକ୍ତିତ୍ୱର ପରିଚୟ ମିଳେ ବାରିପଦାରେ ।

ବାରିପଦାରୁ ଗୋପବନ୍ଧୁଙ୍କର ବିଦାୟ

୧୯୧୨ ମସିହା । ମାର୍ଚ୍ଚ ମାସ । ଦୋଳପୂର୍ଣ୍ଣିମୀର ଦୋଳଉତ୍ସବ ଏବଂ ହୋରି ଖେଳ ଶେଷ ହୋଇ ଯାଇଛି । ବାରିପଦା ସହରରେ ନିଜର ସରକାରୀ କ୍ଷୁଦ୍ର ବାସଭବନଟି ମଧ୍ୟରେ ବସି ରହିଛନ୍ତି ଗୋପବନ୍ଧୁ । ଶୟନ କକ୍ଷର ବାହାର ଝରକାଟି ଖୋଲା । ଝରକା ମଧ୍ୟ ଦେଇ ହାଇସ୍କୁଲଟି ଦେଖାଯାଉଛି ଅଦୂରରେ—ସେଦିନ ଶନିବାର । କଚେରୀରେ ଅଧିକ କାର୍ଯ୍ୟ ନ ଥିବାରୁ ଗୋପବନ୍ଧୁ ବାହାରି ଆସିଛନ୍ତି ନିଜର ବାସଭବନକୁ ।

Digitized by srujan ka@gmail.com

ଏକ ଚିନ୍ତାକୁଳ ଦୃଷ୍ଟିରେ ସେ ଚାହିଁରହିଲେ ଦୂର ଦିଗ୍‌ବଳୟକୁ । ସତେ ଯେମିତି ସେଥି ଦୁଇ ବର୍ଷ ଅତୀତ ସମୟର ଅନୁଭୂତିର ହିସାବ ନିକାଶ ସେ କରୁଛନ୍ତି ମନେ ମନେ । ସବୁ ତାଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି । ତାଙ୍କର ବାରିପଦା ଆଗମନ—ବାରିପଦା ରହଣି—ସବୁ କିଛି ।

ଆଖି ଆଗରେ ସବୁ ଯେପରି ଶୂନ୍ୟ—ମହାଶୂନ୍ୟ । ବାରିପଦା'ର ସମସ୍ତ ସ୍ନେହ, ସମସ୍ତ ମମତା ତାଙ୍କର ଶେଷ ହୋଇଯାଇଛି । ଶେଷ ହୋଇଯିବାର ମାସଟିଏ ସମ୍ପୂର୍ଣ୍ଣ ହୋଇ-ଗଲାଣି – ସେଦିନର ସ୍ମୃତି ଭୁଲିଯିବା ସମ୍ଭବ ନୁହେଁ ଗୋପବନ୍ଧୁଙ୍କ ପକ୍ଷରେ । ସେ ଭୁଲିପାରି ନାହାନ୍ତି—ସେଦିନ ଫେବୃୟାରି ମାସ ୨୨ ତାରିଖ– ମୟୂରଭଞ୍ଜର ସହସ୍ର ସହସ୍ର ଲୋକଙ୍କୁ ଶୋକସାଗରରେ ଭସାଇ ଦେଇ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ପୃଥିବୀରୁ ବିଦାୟ ନେଇଗଲେ । ସବୁ ଆଜି ସ୍ୱପ୍ନପରି ଲାଗୁଛି ଗୋପବନ୍ଧୁଙ୍କୁ । କେତେ ଶୀଘ୍ର ଅତୀତ ହୋଇଗଲା । ଛବିଶଟି ମାସ—ସାତ ଶହ ଅଶିଟି ଦିନ—ସମୟର ରଥଚକ୍ରର ଗତି କେତେ କ୍ଷିପ୍ର ସତେ ।

ଗୋଟି ଗୋଟି ହୋଇ ପ୍ରତ୍ୟେକଟି ଦୃଶ୍ୟ ଗୋପବନ୍ଧୁଙ୍କ ଆଖି ଆଗରେ ଜୀବନ୍ତ ହୋଇ ଦିଶୁଛି ।

ଏଇ ଷ୍ଟେଟ୍ କାଉନ୍‌ସିଲର ସଭା ବସିବ । ୩ଟା ବାଜିଲା । ସଭାପତି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କର ସମୟ ଜ୍ଞାନ କି ବିଚିତ୍ର ସତେ ? ଘଣ୍ଟା କଣ୍ଟା ମିନିଟ୍ କଣ୍ଟା ଅନୁସାରେ ସତେ ଯେପରି ସେ ପ୍ରବେଶ କରୁଛନ୍ତି ସଭାଗୃହକୁ ।

ଏଇ ତ—ପୁଣି ସେହିତ ମହାରାଜା ଗଲେ ପୃଥିବୀ ଭ୍ରମଣରେ । ଗୋପବନ୍ଧୁଙ୍କ ଦରିଦ୍ର ଜୀବନରେ ଆଉ କଣ

Digitized by srujan ka@gmail.com

ଉପହାର ଥିଲା ଦେବାକୁ ? ସେ ଚାଲିଥିଲେ ସଙ୍ଗୀତଟିଏ, ଯାହା ରୂପାୟିତ ହୋଇଥିଲା ଏଇ ବାରିପଦାର ଦୁଇ ଜଣ ବାଳିକାଙ୍କ କଣ୍ଠରେ—ଆଉ ଯାହା ଅଶ୍ରୁର ବନ୍ୟା ଛୁଟାଇଥିଲା ସଭାର ସମସ୍ତ ଶ୍ରୋତା—ସମସ୍ତ ଦର୍ଶକଙ୍କ ଚକ୍ଷୁରୁ ।

ହଠାତ୍ ପୁଣି ମନେ ପଡ଼ିଲା, ସରକାରୀ ଓକିଲ ହିସାବରେ ଗୋପବନ୍ଧୁ ବାସ୍ତବିକ୍ ସରକାରଙ୍କ ସପକ୍ଷରେ ଲଢ଼ି ପାରିନାହାନ୍ତି । ବଜେଟ୍ ଆଲୋଚନା କରି ସରକାରୀ ନୀତିର ସମାଲୋଚନା ସେ କରିଥିଲେ । ସରକାରର ନିମକ ଖାଇ ତାର ପ୍ରତିଦାନ ସେ ଦେଲେ ନାହିଁ ।

ନାଁ—ଗୋପବନ୍ଧୁ ଯେପରି ଆଉ ଭାବି ପାରିଲେ ନାହିଁ । ହଠାତ୍ ତାଙ୍କର ଦୃଷ୍ଟି ଆକର୍ଷଣ କଲା ସମ୍ମୁଖର ଏକ ଘୋଡ଼ା-ଗାଡ଼ି । ସମସ୍ତେ ଦେଖା ଯାଉଛନ୍ତି ସ୍ପଷ୍ଟ । ସମସ୍ତେ ବାହାର ହୋଇ ପଡ଼ୁଛନ୍ତି ମଧ୍ୟ । ଗୋପବନ୍ଧୁ ଦେଖିଲେ—ଛୁଡ଼ା ହୋଇଛନ୍ତି, ରାଜ୍ୟର ପଲିଟିକାଲ୍ ଏଜେଣ୍ଟ କର୍ଣ୍ଣେଲ ରାମ୍ସେ—ପାଖରେ ତାଙ୍କର ଜନୈକ ଶିକ୍ଷା ବିଭାଗର ସୁପରିନ୍‌ଟେଣ୍ଡେଣ୍ଟ, ସହୋଟ ଅଫିସର ।

ମହାରାଜାଙ୍କର ମୃତ୍ୟୁ ପରେ ରାଜ୍ୟର ଉତ୍ତରାଧିକାରୀ ଯୋଗ୍ୟ ହେବା ପର୍ଯ୍ୟନ୍ତ, ରାଜ୍ୟର ଭାର ପଲିଟିକାଲ୍ ଏଜେଣ୍ଟଙ୍କ ଉପରେ ନ୍ୟସ୍ତ ହୋଇଛି । ଗୋପବନ୍ଧୁ ଆଗରୁ ଜାଣିଥିଲେ ପଲିଟିକାଲ୍ ଏଜେଣ୍ଟ ବାରିପଦା ଗସ୍ତରେ ଆସିଛନ୍ତି । ଏଜେଣ୍ଟଙ୍କର ହଠାତ୍ ଏ ବାରିପଦା ଗସ୍ତର କାରଣ ସମ୍ବନ୍ଧରେ ମଧ୍ୟ ଗୋପବନ୍ଧୁ ଅବହିତ ଥିଲେ । ଆଗାମୀ ଜୁଲାଇ ମାସରେ ବିହାର ଓଡ଼ିଶାର ଗ୍ଲେଟଲାଟ୍

Digitized by srujan ka@gmail.com

ସାହେବ ମୟୂରଭଞ୍ଜ ଗସ୍ତରେ ଆସିବେ । ତେଣୁ ତାଙ୍କର ଆସିବାର ବହୁ ପୂର୍ବରୁ ବାରିପଦାରେ ସମସ୍ତ ପ୍ରସ୍ତୁତ ହେବା ଆବଶ୍ୟକ । ଥରେ ଦୁଇ ଥର ଅନ୍ତତଃ ପଲିଟିକାଲ୍ ଏଜେଣ୍ଟ ସାହେବଙ୍କୁ ଦେଖି ଯିବାକୁ ହେବ । ସେ ତାଙ୍କର ପ୍ରାଥମିକ କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି । ଏହା ତ ପ୍ରତ୍ୟେକ ଚାକିରିଆ ପକ୍ଷରେ ସ୍ୱାଭାବିକ । ପୁଣି କବ୍‌ଡଲ୍ ବାମ୍‌ସେଙ୍କ ପରି ଜଣେ ଉଚ୍ଚ ପଦସ୍ଥ କର୍ମଚାରୀ ।

ଗୋପବନ୍ଧୁ ପଲିଟିକାଲ୍ ଏଜେଣ୍ଟ ଓ ଶିକ୍ଷା ବିଭାଗ ସୁପରିନ୍-ଟେଣ୍ଡେଣ୍ଟଙ୍କର କଥୋପକଥନ ଶୁଣିପାରିଲେ ନାହିଁ । କେବଳ ଏତିକି ସେ ଲକ୍ଷ୍ୟ କଲେ, ଘୋଡ଼ାଗାଡ଼ିରେ ପ୍ରଥମେ ବସିବା ସ୍ଥାନରେ ବସିଲେ ଏଜେଣ୍ଟ ସାହେବ । ତାଙ୍କ ନିକଟରେ ବସିବା-ଲାଗି ଯେତେବେଳେ ସନ୍ତର୍ପଣରେ ଆସନ୍ତି ଶିକ୍ଷା ବିଭାଗର ସୁପରିନ୍‌ଟେଣ୍ଡେଣ୍ଟ ଯେତେବେଳେ ଏଜେଣ୍ଟ ସାହେବ ତାଙ୍କୁ ଅଙ୍ଗୁଳି ଦେଖାଇ ଦେଲେ ଘୋଡ଼ାଗାଡ଼ିର ଚାଳକ ନିକଟକୁ । ପ୍ରଥମେ ସୁପରିନ୍‌ଟେଣ୍ଡେଣ୍ଟ ସାମାନ୍ୟ ବିଚଳିତ ହେଲା ପରି ମନେ-ହେଲା । ତାପରେ ଦେଖାଗଲା, ସେ ଚକ ଉପରେ ଗୋଡ଼ରଖି, ଘୋଡ଼ାଗାଡ଼ି ଚଳାଇବାବାଲା ନିକଟକୁ ଉଠିଗଲେ । ଚାଳକଟି ସାମାନ୍ୟ ଘୁଞ୍ଚିଗଲା । ସେଇଠି ବସିଲେ ସୁପରିନ୍‌ଟେଣ୍ଡେଣ୍ଟ— ଘୋଡ଼ାଗାଡ଼ିଟି ଚାଲିଲା ।

ଗୋପବନ୍ଧୁ ଆଉ ବାହାରକୁ ଚାହିଁ ରହିପାରିଲେ ନାହିଁ । ସେ ସଙ୍ଗେ ସଙ୍ଗେ ଝରକା ବନ୍ଦ କରିଦେଲେ ।

ଏହି ଘଟଣାଟିର ସାତ ଦିନ ମଧ୍ୟରେ ଗୋପବନ୍ଧୁ ତାଙ୍କ ଚାକିରିରୁ ଇସ୍ତଫାପତ୍ର ଦାଖଲ କଲେ । ମୟୂରଭଞ୍ଜର ଅନେକ

Digitized by srujan ka@gmail.com

ଲୋକ ଗୋପବନ୍ଧୁଙ୍କୁ ମୟୂରଭଞ୍ଜରେ ରହିବାକୁ ଅନୁରୋଧ କରିଥିଲେ । ସ୍ୱୟଂ ପଲିଟିକାଲ୍ ଏଜେଣ୍ଟ ମହାଶୟ ଗୋପବନ୍ଧୁଙ୍କୁ ତାଙ୍କର ଇସ୍ତଫାପତ୍ର ପ୍ରତ୍ୟାହାର କରିନେବାଲାଗି ନିଜେ ଅନୁରୋଧ କରିଥିଲେ, ମାତ୍ର ଗୋପବନ୍ଧୁଙ୍କ ନିକଟରେ କୌଣସି ଅନୁରୋଧ କାର୍ଯ୍ୟକାରୀ ହୋଇ ନ ଥିଲା । ତାଙ୍କର ସ୍ୱାଧୀନ ପ୍ରାଣର ପ୍ରକୃତ ପରିଚୟ ଯଥାସମ୍ଭବ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ବ୍ୟତୀତ ଆଉ କେହି ପାଇ ନ ଥିଲେ । ମହାରାଜାଙ୍କ ଅନ୍ତେ ସେ ମୟୂରଭଞ୍ଜ ପରିତ୍ୟାଗ କରିବାକୁ ବ୍ୟଗ୍ର ହୋଇ ପଡ଼ିଥିଲେ । ମୟୂରଭଞ୍ଜ ପ୍ରତି ଗୋପବନ୍ଧୁଙ୍କର ସମସ୍ତ ଆକର୍ଷଣର ଅନ୍ତ ହୋଇଥିଲା । ୧୯୦୭ ମସିହାରେ ସେ ଶିକ୍ଷକ ଜୀବନ ଛାଡ଼ି, ଓକିଲାତିର ଆଶ୍ରୟ ନେଇଥିଲେ ସ୍ୱାଧୀନ ଜୀବନଯାପନ କରିବାକୁ । ବଧିର ନିବନ୍ଧରେ ୧୯୧୦ରେ ସେ ହେଲେ ସରକାରୀ ଓକିଲ । ମାତ୍ର ୧୯୧୬ରେ ସରକାରୀ ଓକିଲ ଜୀବନରୁ ମଧ୍ୟ ସେ ଅବସର ନେଲେ । ସତେ ଯେପରି ତାଙ୍କୁ ବିଶାଳ ଏଇ ପୃଥିବୀ ଚାହିଁ ରହିଲା—କର୍ମକ୍ଷେତ୍ର ତାଙ୍କର ଥିଲା ସୀମାହୀନ । ଅମ୍ଳାନବଦନରେ ସେ ପଦ ତ୍ୟାଗ କଲେ । ଗୋପବନ୍ଧୁଙ୍କର ସବୁଠାରୁ ବଡ଼ ସାନ୍ତ୍ୱନା ଥିଲା ଏହି ଯେ ସେ ମୟୂରଭଞ୍ଜରୁ ବିଦାୟ ନେଲବେଳକୁ ମହାରାଜା ଶ୍ରୀରାମଚନ୍ଦ୍ର ନାହାନ୍ତି । ଶ୍ରୀରାମଚନ୍ଦ୍ର ଦୀର୍ଘଜୀବୀ ହୋଇଥିଲେ ଏତେ ଶୀଘ୍ର ଗୋପବନ୍ଧୁ ବାରିପଦା ଛାଡ଼ିପାରିଥାନ୍ତେ କି ନାହିଁ, କହି ହେଉ ନାହିଁ । ମାତ୍ର ଗୋପବନ୍ଧୁଙ୍କୁ ତ ଚାହିଁ ରହିଥିଲା ବିଶାଳ ଦୁନିଆ—ତାଙ୍କୁ ତ ଅପେକ୍ଷା କରି ରହିଥିଲେ ଲକ୍ଷ ଲକ୍ଷ ନିରନ୍ନ ପ୍ରପୀଡ଼ିତ ଜନତା । ସେ ଆଉ ବାରିପଦାରେ ଦୀର୍ଘଦିନ ବାନ୍ଧି ହୋଇ ରହନ୍ତେ କିପରି ? ଆଖି ଆଗରେ ମାତ୍ର ଆଉ ପନ୍ଦରଟି ବର୍ଷ—ଏ ପନ୍ଦରଟି ବର୍ଷ ଯେପରି ଗୋପବନ୍ଧୁଙ୍କର ସର୍ବଶ୍ରେଷ୍ଠ

Digitized by srujan ka@gmail.com

କର୍ମମୟ ଜୀବନର ସମସ୍ତ ହେବାଲାଗି ଗୋପବନ୍ଧୁଙ୍କୁ ନିମନ୍ତ୍ରଣ କରୁଥିଲା ।

ଗୋପବନ୍ଧୁ ମୟୂରଭଞ୍ଜ ଆସିଲାବେଳେ ଗୋଟିଏ ଟିଣଟ୍ରଙ୍କ ଆଉ ଗୋଟିଏ ବିଛଣା ଧରି ଆସିଥିଲେ । ବାରିପଦା ଛାଡ଼ିଲା-ବେଳେ ଏହି ଦୁଇଟି ଥିଲେ ତାଙ୍କର ସହଯାତ୍ରୀ ।

—*—

Digitized by srujan ka@gmail.com

ଗୋପବନ୍ଧୁଙ୍କର ଜୀବନର ଯାତ୍ରାପଥରେ କେତୋଟି ସ୍ମରଣୀୟ ମାଇଲସ୍ତମ୍ଭ

ମସିହା		ସ୍ମରଣୀୟ ଘଟଣାବଳୀ
୧୮୭୭	—	ଅକ୍ଟୋବରମାସ ୯ ତାରିଖ—ବୁଧବାର; ପୁରୀ ଜିଲ୍ଲା ଅନ୍ତର୍ଗତ ସାକ୍ଷୀଗୋପାଳ ନିକଟବର୍ତ୍ତୀ ସୁଆଣ୍ଡୋ ଗ୍ରାମରେ ଜନ୍ମ ।
୧୮୮୯	—	୧୨ ବର୍ଷ ବୟସରେ ବାଲ୍ୟବିବାହ ।
୧୮୯୯	—	ପୁରୀ ହାଇସ୍କୁଲରେ ଛାତ୍ରାବସ୍ଥା—ଏହି ମସିହାରେ, ରଥଯାତ୍ରା ସମୟରେ ଛାତ୍ରମାନଙ୍କ ସଙ୍ଗରେ ବିସୂଚିକା ଆକ୍ରାନ୍ତ ରୋଗୀମାନଙ୍କର ସେବା—ମାଟ୍ରିକୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ-ରେଭେନ୍‌ସା କଲେଜରେ ଛାତ୍ରଜୀବନର ଆରମ୍ଭ-କଟକ ସହରରେ "କର୍ତ୍ତବ୍ୟ-ବୋଧିନୀ" ସମିତି ଗଠନ ।
୧୮୯୪	—	ପୁରୀ ହାଇସ୍କୁଲରେ ଛାତ୍ରାବସ୍ଥା—କବିବର ରାଧାନାଥରାୟ (ତତ୍କାଳୀନ ସ୍କୁଲ ଇନ୍‌ସପେକ୍ଟର)ଙ୍କ ବିରୁଦ୍ଧରେ 'ଇନ୍ଦ୍ରଧନୁ' ପତ୍ରିକାରେ ସ୍ୱରଚିତ କବିତା ପ୍ରକାଶ କରିବା ଅଭିଯୋଗ-ଏଥିଯୋଗେ ଗୋପବନ୍ଧୁ ଅର୍ଥଦଣ୍ଡରେ ଦଣ୍ଡିତ ।
୧୯୦୧	—	ଏଫ୍. ଏ. (ଏ ସମୟର ଆଇ. ଏ) ପରୀକ୍ଷାରେ ଉତ୍ତୀର୍ଣ୍ଣ ।
୧୯୦୨	—	'କଲ୍ପଲତା' କାବ୍ୟ ରଚନା
୧୯୦୪	—	ବି. ଏ. ପାସ୍ । ଉତ୍କଳର ସେବା । ଏକମାତ୍ର ପୁତ୍ରର ଅକାଳବିୟୋଗ ।

Digitized by srujan ka@gmail.com

୧୯୦୬ — ମାଲଗିରରେ ଶିକ୍ଷକତା-ପତ୍ନୀବିୟୋଗ-ବି. ଏଲ. ପରୀକ୍ଷାରେ ଉତ୍ତୀର୍ଣ୍ଣ ।

୧୯୦୭ — ମାଲଗିର ପରିତ୍ୟାଗ—କଟକରେ ଓକିଲାତି; ବ୍ରାହ୍ମଣୀ, ବୈତରଣୀ ଓ ଖରସୁଆଁ ବନ୍ୟାରେ ପ୍ରପୀଡ଼ିତ ବ୍ୟକ୍ତିଙ୍କ ସେବା ।

୧୯୦୮ — ପୁରୀରେ ଓକିଲାତି, ପୁରୀ କୁଷ୍ଠାଶ୍ରମରେ ସେକ୍ରେଟାରୀ ଭାବେ ସେବା ଓ କୁଷ୍ଠାଶ୍ରମର ଉନ୍ନତି ପାଇଁ ଅର୍ଥ ସଂଗ୍ରହ—ପୁରୀରେ ବ୍ୟାୟାମଶାଳା ପ୍ରତିଷ୍ଠା—ପୁରୀ ବ୍ରାହ୍ମଣ ସମିତି ଗ୍ଲସାବାମରେ ସଭାସମିତିର ଆୟୋଜନ ।

୧୯୦୯ — ଅଗଷ୍ଟ ୧୨ ତାରିଖରେ ସତ୍ୟବାଦୀ ମଧ୍ୟଇଂରାଜୀ ବିଦ୍ୟାଳୟ ଉଦ୍‌ଘାଟନ ।

୧୯୧୦ — ଜାନୁୟାରୀ ମାସରେ ମୟୂରଭଞ୍ଜରେ ସରକାରୀ ଓକିଲ ଭାବେ ନିଯୁକ୍ତ ।

୧୯୧୨ — ମାର୍ଚ୍ଚ ମାସ ୧୨ ତାରିଖରେ ମୟୂରଭଞ୍ଜ ପରିତ୍ୟାଗ ।

୧୯୧୩ — ସତ୍ୟବାଦୀଠାରେ ନୂତନ ସ୍କୁଲ୍ ଗୃହର ଭିତ୍ତି ସ୍ଥାପନ—ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ଯୋଗଦାନ ।

୧୯୧୪ — ସତ୍ୟବାଦୀରେ ମାଟ୍ରିକୁଲେସନ୍ ଶ୍ରେଣୀ ଉନ୍ମୋଚନ । ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଯୋଗଦାନ ।

୧୯୧୭ — ପାଟନା ବିଶ୍ୱବିଦ୍ୟାଳୟ ସହ ସତ୍ୟବାଦୀ ସ୍କୁଲର ମିଶ୍ରଣ—ବିହାର ଓଡ଼ିଶା ବିଧାନ ସଭାର ସଦସ୍ୟ ମନୋନୀତ ।

୧୯୨୮ — ଜୁନ୍ ମାସ ୧୨ ତାରିଖରେ ବନ୍ଧୁ ବନ୍ଧୁ ଓ ସହକର୍ମୀଙ୍କ ଗହଣରେ ଦେହାବସାନ ।

—*—

Digitized by srujan ka@gmail.com